# ଯୌତୁକ ନିବାରଣ ଆଇନ୍ –୧୯୬୧

## (୧୯୬୧ର ଆଇନ୍ ସଂଖ୍ୟା- ୮)

### (ରାଷ୍ଟ୍ରପତିଙ୍କ ଦ୍ୱାରା ତା୨୦।୫।୧୯୬୧ରେ ସହମତିପ୍ରାପ୍ତ)

**ଯୌତୁକ ଦେବା କିମ୍ବା ନେବାକୁ ନିଷିଦ୍ଧ କରିବା ପାଇଁ ଏକ ଆଇନ୍**

ଭାରତୀୟ ପ୍ରଜାତନ୍ତ୍ରର ଦ୍ୱାଦଶ ବର୍ଷରେ ସଂସଦ ଦ୍ୱାରା ଦ୍ୱାରା ଏହା ନିମ୍ନମତେ ପ୍ରଣୀତ ହେଉଅଛି -

**୧. ଆଇନ୍‌ର ସଂକ୍ଷିପ୍ତ ନାମ, ପରିସର ଏବଂ ପ୍ରାରମ୍ଭ:**

(୧) ଏହି ଆଇନ୍ ଯୌତୁକ ନିବାରଣ ଆଇନ୍, ୧୯୬୧ ରୂପେ ନାମିତ ହେବ ।

(୨) କେବଳ ଜାମ୍ମୁ ଓ କାଶ୍ମୀର ରାଜ୍ୟକୁ ଛାଡି ଏହି ଆଇନ୍ ସାରା ଭାରତରେ ଲାଗୁ ହେବ ।

(୩) କେନ୍ଦ୍ର ସରକାର ଗେଜେଟ୍‌ରେ ବିଜ୍ଞାପନ ପୂର୍ବକ ଯେଉଁ ତାରିଖ ଧାର୍ଯ୍ୟ କରିବେ, ଏହା ସେହି ତାରିଖଠାରୁ ବଳବତ୍ତର ହେବ ।

**୨. 'ଯୌତୁକ'ର ସଂଜ୍ଞା:**

ଏହି ଆଇନ୍‌ରେ 'ଯୌତୁକ' ବୋଇଲେ ଯେ କୌଣସି ସମ୍ପତ୍ତି ବା ମୂଲ୍ୟବାନ ପ୍ରତିଭୂତି, ଯାହାକି ପ୍ରତ୍ୟକ୍ଷ ବା ପରୋକ୍ଷରେ ଦିଆଯାଇଥାଏ ବା ଦିଆଯିବା ସକାଶେ ସମ୍ମତି ପ୍ରଦାନ କରାଯାଇଥାଏ,

(ଏ) ବିବାହର ଏକ ପକ୍ଷଙ୍କ ଦ୍ୱାରା ଅପର ପକ୍ଷଙ୍କୁ; କିମ୍ବା

(ବି) ବିବାହର କୌଣସି ଏକ ପକ୍ଷର ପିତାମାତା ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ବିବାହର କୌଣସି ପକ୍ଷ ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ;

ବିବାହ ବେଳେ ଅଥବା ବିବାହ ପୂର୍ବରୁ ଅଥବା ବିବାହ ପରେ ଯେ କୌଣସି ସମୟରେ ସଂପୃକ୍ତ ପକ୍ଷମାନଙ୍କ ବିବାହ ପରିପ୍ରେକ୍ଷିରେ, କିନ୍ତୁ ଏଥିମଧ୍ୟରେ ଅନ୍ତର୍ଭୁକ୍ତ ହେବନାହିଁ ମୁସଲିମ୍ ବ୍ୟକ୍ତିଗତ ଆଇନ୍ (ଶରିୟାତ୍)ର ପ୍ରଯୁଜ୍ୟତା ଅଧୀନରେ ଥିବା ବ୍ୟକ୍ତିମାନଙ୍କର ଡାଓର୍ କିମ୍ବା ମାହର୍ ।

ସ୍ପଷ୍ଟୀକରଣ-୧ * * * ୨ ଅକ୍ଟୋବର ୧୯୮୫ଠାରୁ ବାଦ୍ ଦିଆଯାଇଛି ।

ସ୍ପଷ୍ଟୀକରଣ-୨ : 'ମୂଲ୍ୟବାନ୍ ପ୍ରତିଭୂତି' ଶବ୍ଦ ସେହି ଅର୍ଥ ବହନ କରିବ, ଯାହାକି ଭାରତୀୟ ଦଣ୍ଡ ସଂହିତା (୧୮୬୦ର ୪୫)ର ଧାରା ୩୦ରେ ନ୍ୟସ୍ତ କରାଯାଇଛି ।

**୩. ଯୌତୁକ ଦେବା ବା ନେବା ପାଇଁ ଦଣ୍ଡ ବ୍ୟବସ୍ଥା:**

(୧) ଏହି ଆଇନ୍ ପ୍ରବର୍ତ୍ତନ ହେବା ପରେ ଯଦି କୌଣସି ବ୍ୟକ୍ତି ଯୌତୁକ ଦିଅନ୍ତି ବା ନିଅନ୍ତି ଅଥବା ଯୌତୁକ ଦେବା ବା ନେବା ପାଇଁ ସହାୟତା କରନ୍ତି, ତେବେ ତାଙ୍କୁ ଜେଲ୍‌ଦଣ୍ଡ ମିଳିବ, ଯାହାକି ୫ବର୍ଷରୁ କମ୍ ହୋଇନଥିବ ଏବଂ ଏହା ସହିତ ତାଙ୍କୁ ଦେବାକୁ ପଡିବ- ପନ୍ଦର ହଜାର ଟଙ୍କାରୁ କମ୍ ହୋଇନଥିବା ଅର୍ଥରାଶି ଅଥବା ସଂପୃକ୍ତ ଯୌତୁକର ମୂଲ୍ୟରାଶି- ଏହି ୨ଟି ରାଶି ମଧ୍ୟରୁ ଯେଉଁଟି ଅଧିକ ହେବ ସେହି ପରିମାଣର ଜୋରିମାନା ।

ପରନ୍ତୁ, ଯଥେଷ୍ଟ ଓ ସ୍ୱତନ୍ତ୍ର କାରଣମାନ ଥିଲେ ଅଦାଲତ ତାହା ତାଙ୍କ ରାୟରେ ଲିପିବଦ୍ଧ କରି ୫ବର୍ଷରୁ କମ୍ ଜେଲଦଣ୍ଡ ଲାଗୁ କରିପାରନ୍ତି ।

(୨) ଉପଧାରା(୧) ରେ ଥିବା ପ୍ରାବଧାନ ନିମ୍ନଲିଖିତ କ୍ଷେତ୍ରରେ ଏବଂ ବ୍ୟାପାରରେ ଲାଗୁ ହେବ ନାହିଁ -

(ଏ) କନ୍ୟାକୁ ବିବାହ ସମୟରେ ଯେଉଁ ଉପହାରମାନ ଦିଆଯାଇଥାଏ (ଏ ବାବଦରେ କୌଣସି ଦାବୀ ନଥାଇ);

ପରନ୍ତୁ, ଏହି ଆଇନ୍ ଅଧିନରେ ପ୍ରଣୀତ ନିୟମ ଅନୁଯାୟୀ ଅନୁରକ୍ଷିତ ଏକ ତାଲିକାରେ ଏତାଦୃଶ ଉପହାରଗୁଡିକ ଦର୍ଜ କରାଯାଇଥିବ ।

(ବି) ବରକୁ ବିବାହ ସମୟରେ ଯେଉଁ ଉପହାରମାନ ଦିଆଯାଇଥାଏ (କିନ୍ତୁ ସେଥିପାଇଁ କୌଣସି ଦାବୀ ନଥିବା ଦରକାର);

ପରନ୍ତୁ, ଏହି ଆଇନ୍ ଅଧିନରେ ପ୍ରଣୀତ ନିୟମ ଅନୁଯାୟୀ ଅନୁରକ୍ଷିତ ଏକ ତାଲିକାରେ ଏତାଦୃଶ ଉପାହାରଗୁଡିକ ଦର୍ଜ କରାଯାଇଥିବ ;

ପୁଣି ପରନ୍ତୁ, ଯେଉଁ କ୍ଷେତ୍ରରେ ସେପରି ଉପହାରମାନ କନ୍ୟାଦ୍ୱାରା ଅଥବା କନ୍ୟା ତରଫରୁ ଅଥବା କନ୍ୟା ସହ ସଂପୃକ୍ତ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବ ଏବଂ ତାହା ପରମ୍ପରା-ସିଦ୍ଧ ହୋଇଥିବ ଏବଂ ଯେଉଁ ବ୍ୟକ୍ତିଙ୍କ ଦ୍ୱାରା କିମ୍ବା ବ୍ୟକ୍ତିଙ୍କ ତରଫରୁ ସେପରି ଉପହାର ଦିଆଯାଇଥିବ, ତାଙ୍କର ଆର୍ଥିକ ଅବସ୍ଥା ଦୃଷ୍ଟିରୁ ତହିଁର ମୂଲ୍ୟ ଅତ୍ୟଧିକ ହୋଇନଥିବ ।

**୪. ଯୌତୁକ ପାଇଁ ଦାବୀ ନିମିତ୍ତ ଦଣ୍ଡ ବ୍ୟବସ୍ଥା-**

ଯଦି କୌଣସି ବ୍ୟକ୍ତି ଯଥାସ୍ଥିତି କନ୍ୟା ବା ବରର ପିତାମାତା ଅଥବା ସମ୍ପର୍କୀୟ ଅଥବା ଅବିଭାବକଙ୍କଠାରୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କୌଣସି ଯୌତୁକ ଦାବୀ କରନ୍ତି, ତେବେ ସେ ଦଣ୍ଡିତ ହେବେ କାରାବାସରେ, ଯାହାକି ଛଅମାସରୁ କମ୍ ହୋଇନଥିବ କିନ୍ତୁ ଦୁଇବର୍ଷକୁ ଲମ୍ବିପାରେ, ଏବଂ ଏହାସହିତ ଜୋରିମାନା ଯାହାକି ଦଶହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ।

ପରନ୍ତୁ, ଯଥେଷ୍ଟ ଓ ସ୍ୱତନ୍ତ୍ର କାରଣମାନ ଥିଲେ, ଅଦାଲତ ତାହା ନିଜ ରାୟରେ ଲିପିବଦ୍ଧ କରି ଛଅମାସରୁ କମ୍ କାରାଦଣ୍ଡ ଲାଗୁ କରିପାରନ୍ତି ।

**୪-ଏ: ବିଜ୍ଞାପନ ଉପରେ ନିଷେଧ - ଯଦି କୌଣସି ବ୍ୟକ୍ତି-**

(ଏ) କୌଣସି ସମ୍ବାଦପତ୍ର, ପତ୍ରିକା, ସଂକଳନ ବା ଅନ୍ୟ କୌଣସି ପ୍ରଚାର-ମାଧ୍ୟମରେ ନିଜର ପୁଅ, ଝିଅ ବା ଅନ୍ୟ କୌଣସି ସଂପର୍କୀୟଙ୍କୁ ବିବାହ ଦେବା ଆଶାରେ ନିଜ ସଂପତ୍ତିର

କୌଣସି ଅଂଶବିଶେଷକୁ ବା କୌଣସି ଅର୍ଥରାଶିକୁ ବା ଉଭୟକୁ ବା କୌଣସି ବ୍ୟବସାୟରେ ଭାଗ-ଅଂଶକୁ ବା ଅନ୍ୟ କୌଣସି ସୁଯୋଗର ପ୍ରଲୋଭନ ଦେଖାନ୍ତି;

(ବି) ଉପଖଣ୍ଡ (ଏ)ରେ ସୂଚୀତ ହୋଇଥିବା ବିଜ୍ଞାପନକୁ ମୁଦ୍ରଣ, ପ୍ରକାଶନ ଏବଂ ପ୍ରସାରଣ କରନ୍ତି, ତେବେ ସେ ଦଣ୍ଡିତ ହେବେ କାରାବାସରେ, ଯାହାକି ଛଅମାସରୁ କମ୍ ହୋଇନଥିବ କିନ୍ତୁ ଯାହାକି ପାଞ୍ଚବର୍ଷକୁ ଲମ୍ବିପାରେ, ଏବଂ ଏହା ସହିତ ଜୋରିମାନା ଯାହାକି ଦଶହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ।

ପରନ୍ତୁ, ଯଥେଷ୍ଟ ଓ ସ୍ୱତନ୍ତ୍ର କାରଣମାନ ଥିଲେ, ଅଦାଲତ ତାହା ନିଜ ରାୟରେ ଲିପିବଦ୍ଧ କରି ଛଅମାସରୁ କମ୍ କାରାଦଣ୍ଡ ଲାଗୁ କରିପାରନ୍ତି ।

**୫. ଯୌତୁକ ଦେବା ବା ନେବା ପାଇଁ ହୋଇଥିବା ରାଜିନାମା ଅସିଦ୍ଧ ହୋଇଯିବା :**

ଯୌତୁକ ଦେବା କିମ୍ବା ନେବା ପାଇଁ କୌଣସି ରାଜିନାମା ହୋଇଥିଲେ, ତାହା ଅସିଦ୍ଧ ହୋଇଯିବ ।

**୬. ପତ୍ନୀ ବା ଉତ୍ତରାଧିକାରୀଙ୍କ କଲ୍ୟାଣାର୍ଥେ ଯୌତୁକ ଉଦ୍ଦିଷ୍ଟ-**

(୧) ଯେଉଁସ୍ଥଳେ ଜଣେ ସ୍ତ୍ରୀ ଲୋକଙ୍କ ବିବାହ ପରିପ୍ରେକ୍ଷିରେ ତାଙ୍କ ପାଇଁ ଉଦ୍ଦିଷ୍ଟ ଯୌତୁକକୁ ଆଉ ଜଣେ ବ୍ୟକ୍ତି ଗ୍ରହଣ କରିଥାନ୍ତି, ତେବେ ସଂପୃକ୍ତ ବ୍ୟକ୍ତି ଏହି ଯୌତୁକକୁ ସେହି ସ୍ତ୍ରୀଲୋକଙ୍କୁ ନିମ୍ନମତେ ହସ୍ତାନ୍ତର କରିବେ –

(ଏ) ଯଦି ବିବାହ ପୂର୍ବରୁ ଯୌତୁକ ଗ୍ରହଣ କରାଯାଇଥାଏ, ତେବେ ବିବାହ ସମ୍ପନ୍ନ ହେବାର ତିନିମାସ ମଧ୍ୟରେ; କିମ୍ବା

(ବି) ଯଦି ବିବାହ ସମୟରେ କିମ୍ବା ବିବାହ ପରେ ଯୌତୁକ ଗ୍ରହଣ କରାଯାଇଥାଏ, ତେବେ ଏହା ଗ୍ରହଣ କରାଯାଇଥିବା ତାରିଖଠାରୁ ତିନିମାସ ମଧ୍ୟରେ; କିମ୍ବା

(ସି) ଯଦି ଯୌତୁକ ଗ୍ରହଣ କରାଯାଇଥିବା ସମୟରେ ସ୍ତ୍ରୀ ନାବାଳିକା ଥାଆନ୍ତି, ତେବେ ସେ ସ୍ତ୍ରୀ ଅଠର ବର୍ଷ ବୟସରେ ପଦାର୍ପଣ କରିବାର ତିନିମାସ ମଧ୍ୟରେ, ଏବଂ ସେଭଳି ହସ୍ତାନ୍ତର ସ୍ଥଗିତ ଥିବା କାଳରେ ଏହାକୁ ସ୍ତ୍ରୀର କଲ୍ୟାଣାର୍ଥେ ବିଶ୍ୱାସର ସହ ନିଜ ପାଖରେ ରଖିବେ ।

(୨) ଯଦି ଜଣେ ବ୍ୟକ୍ତି ଉପଧାରା (୧) ଅନୁଯାୟୀ ସେଥିରେ ସୂଚୀତ ସମୟସୀମା ଭିତରେ କିମ୍ବା ଉପଧାରା (୩)ର ନିର୍ଦ୍ଦେଶନା ମତେ କୌଣସି ସମ୍ପତ୍ତିକୁ ହସ୍ତାନ୍ତର କରିବାରେ ବିଫଳ ହୁଅନ୍ତି, ତେବେ ତାଙ୍କୁ କାରାବାସରେ ଦଣ୍ଡିତ କରାଯିବ, ଯାହାକି ଛ ମାସରୁ କମ୍ ହେବନି କିନ୍ତୁ ଦୁଇବର୍ଷ ପର୍ଯ୍ୟନ୍ତ ଲମ୍ବି ଯାଇପାରେ କିମ୍ବା ଜୋରିମାନାରେ ଦଣ୍ଡିତ କରାଯିବ, ଯାହାକି ପାଞ୍ଚ ହଜାର ଟଙ୍କାରୁ କମ୍ ହେବନି କିନ୍ତୁ ଦଶହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ କିମ୍ବା ତାଙ୍କ ଉପରେ ଉଭୟ ଦଣ୍ଡବିଧାନ ଲାଗୁ ହୋଇପାରେ ।

(୩) ଉପଧାରା (୧) ଅନୁଯାୟୀ କୌଣସି ସମ୍ପତ୍ତି ପାଇବାକୁ ହକ୍‌ଦାର ଥିବା ସ୍ତ୍ରୀଲୋକ ଯଦି ଏହାକୁ ଗ୍ରହଣ କରିବା ପୂର୍ବରୁ ମୃତ୍ୟୁ ବରଣ କରନ୍ତି, ତେବେ ତାଙ୍କର ଉତ୍ତରାଧିକାରୀମାନେ ତାକୁ ପାଇବା ପାଇଁ ସେହି ବ୍ୟକ୍ତିଙ୍କ ନିକଟରେ ଦାବୀ କରିବାକୁ ହକ୍‌ଦାର୍ ହେବେ, ଯାହାଙ୍କ କର୍ତ୍ତୃତ୍ୱରେ ତାହା ଥିବ ।

ପରନ୍ତୁ, ଯେଉଁସ୍ଥଳେ ଏହି ସ୍ତ୍ରୀ ଲୋକ ତାଙ୍କ ବିବାହର ସାତବର୍ଷ ଭିତରେ ସ୍ୱାଭାବିକ କାରଣ ବ୍ୟତିରେକ ଅନ୍ୟ କାରଣ ଯୋଗୁଁ ମୃତ୍ୟୁ ବରଣ କରିଥିବେ, ସେପରି ସ୍ଥଳେ ଏହି ସମ୍ପତ୍ତି –

ଯଦି ତାଙ୍କର ପିଲା ନଥାନ୍ତି, ତେବେ ତାଙ୍କର ପିତାମାତାଙ୍କୁ ହସ୍ତାନ୍ତର ହେବ ; କିମ୍ବା

ଯଦି ତାଙ୍କର ପିଲା ଥାନ୍ତି, ତେବେ ସେହି ପିଲାମାନଙ୍କୁ ତାହା ହସ୍ତାନ୍ତର ହେବ, ଏବଂ ଯେପର୍ଯ୍ୟନ୍ତ ସେହି ହସ୍ତାନ୍ତର ସମ୍ପାଦିତ ନହୋଇଛି, ସେହି ସମ୍ପତ୍ତିକୁ ବିଶ୍ୱାସ ସହକାରେ ସାଇତି ରଖାଯିବ ।

(୩-ଏ) ଯେଉଁସ୍ଥଳେ ଉପଧାରା (୧) ବା ଉପଧାରା (୩) ଅନୁଯାୟୀ ସମ୍ପତ୍ତି ହସ୍ତାନ୍ତର

କରିନଥିବା ହେତୁ ଉପଧାରା (୨) ଅଧୀନରେ ଦଣ୍ଡିତ ହୋଇଥିବା ବ୍ୟକ୍ତି ଉକ୍ତ ଉପଧାରା ଅନୁସାରେ ଦଣ୍ଡିତ ହେବା ପୂର୍ବରୁ ସଂପୃକ୍ତ ସମ୍ପତ୍ତି ପାଇବାକୁ ହକ୍‌ଦାର୍ ଥିବା ମହିଳାଙ୍କୁ କିମ୍ବା ଯଥାସ୍ଥିତି ତାଙ୍କର ଉତ୍ତରାଧିକାରୀ, ପିତାମାତା ବା ପିଲାମାନଙ୍କୁ ହସ୍ତାନ୍ତର କରି ନଥାନ୍ତି, ତେବେ ଅଦାଲତ ଉକ୍ତ ଉପଧାରା ଅନୁଯାୟୀ ଦଣ୍ଡାଦେଶ ଜାରି କରିବା ସହ ଏକ ଲିଖିତ ଆଦେଶନାମା ବଳରେ ନିର୍ଦ୍ଦେଶ ଦେଇପାରନ୍ତି ଯେ, ଉକ୍ତ ଆଦେଶନାମାରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟସୀମା ମଧ୍ୟରେ ସଂପୃକ୍ତ ବ୍ୟକ୍ତି ସେହି ମହିଳାଙ୍କୁ କିମ୍ବା ଯଥାସ୍ଥିତି ତାଙ୍କର ଉତ୍ତରାଧିକାରୀ, ପିତାମାତା ବା ପିଲାମାନଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବେ ଏବଂ ଯଦି ସେହି ବ୍ୟକ୍ତି ବିନିର୍ଦ୍ଦିଷ୍ଟ ହୋଇଥିବା ସମୟ ମଧ୍ୟରେ ଉକ୍ତ ନିର୍ଦ୍ଦେଶନାମାକୁ ଅନୁପାଳନ କରିବାରେ ବିଫଳ ହୁଅନ୍ତି, ତେବେ ତାଙ୍କଠାରୁ ସମ୍ପତ୍ତିର ସମମୂଲ୍ୟ ଅର୍ଥରାଶି ଆଦାୟ କରାଯିବ; ଠିକ୍ ଯେପରି ଅଦାଲତଙ୍କ ଦ୍ୱାରା ଏକ ଜୋରିମାନା ଆରୋପିତ ହୋଇଛି ଏବଂ ତାହାକୁ ସଂପୃକ୍ତ ମହିଳା ଅଥବା ଯଥାସ୍ଥିତି ତାଙ୍କର ଉତ୍ତରାଧିକାରୀଗଣ, ପିତାମାତା ବା ପିଲାମାନଙ୍କୁ ପ୍ରଦାନ କରାଯାଇଛି ।

(୪) ଏହି ଧାରାରେ ସ୍ଥାନିତ ବ୍ୟବସ୍ଥାମାନ ଧାରା (୩) ଓ (୪)ର ପ୍ରାବଧାନଗୁଡିକ ଉପରେ ଆଞ୍ଚ ଆଣିବ ନାହିଁ ।

## ୭. ଅପରାଧଗୁଡିକର ସଂଜ୍ଞାନ -

(୧) ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ୨)ରେ ଯାହାକିଛି ସ୍ଥାନିତ ହୋଇଥାଉନା କାହିଁକି -

ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ କିମ୍ବା ପ୍ରଥମଶ୍ରେଣୀୟ ବିଚାର-ବିଭାଗୀୟ ମାଜିଷ୍ଟ୍ରେଟ୍ଙ୍କ ଠାରୁ ନିମ୍ନ ପାହ୍ୟାର କୌଣସି ଅଦାଲତ ଏହି ଆଇନ୍ ଅଧିନସ୍ଥ କୌଣସି ଅପରାଧକୁ ବିଚାର କରିବେ ନାହିଁ ।

ନିମ୍ନପ୍ରଦତ୍ତ ପ୍ରଣାଳୀ ବ୍ୟତୀତ ଅନ୍ୟ କୌଣସି ପ୍ରକାରେ କୌଣସି ଏକ ଅଦାଲତ ଏହି ଆଇନ୍ ଅଧିନସ୍ଥ ଅପରାଧକୁ ସଂଜ୍ଞାନ କରିବେ ନାହିଁ ।

(୧) ଯେଉଁସବୁ ତଥ୍ୟାବଳୀକୁ ଆଧାର କରି ଏକ ଅପରାଧ ଘଟିଛି ବୋଲି ବିବେଚନା କରାଯାଏ, ସେସବୁ ବିଷୟରେ ନିଜସ୍ୱ ଜ୍ଞାନ ଅଥବା ପୋଲିସ୍ ରିପୋର୍ଟ, କିମ୍ବା

(୨) ଅପରାଧ ଫଳରେ ବ୍ୟଥିତ ହୋଇଥିବା ବ୍ୟକ୍ତି କିମ୍ବା ତାଙ୍କର ପିତା ବା ମାତା ବା ତାଙ୍କର ଅନ୍ୟ କେହି ସଂପର୍କୀୟ କିମ୍ବା କୌଣସି ସ୍ୱୀକୃତିପ୍ରାପ୍ତ ସମାଜମଙ୍ଗଳ ଅନୁଷ୍ଠାନ ବା ସଙ୍ଗଠନ ଦ୍ୱାରା ଆଗତ ଅଭିଯୋଗ:

ଏହି ଆଇନ୍ ଅଧୀନସ୍ଥ କୌଣସି ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ବ୍ୟକ୍ତିଙ୍କ ଉପରେ ଏହି ଆଇନ୍ ଦ୍ୱାରା ଅନୁମୋଦିତ ଯେ କୌଣସି ଦଣ୍ଡାଦେଶ ଜାରି କରିବା ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ପ୍ରଥମ-ଶ୍ରେଣୀୟ ବିଚାର-ବିଭାଗୀୟ ମାଜିଷ୍ଟ୍ରେଟ୍ଙ୍କ ପକ୍ଷେ ବିଧିସମ୍ମତ ଅଟେ ।

ସ୍ୱଷ୍ଟୀକରଣ-ଏହି ଉପଧାରାର ଉଦ୍ଦେଶ୍ୟାର୍ଥେ "ସ୍ୱୀକୃତିପ୍ରାପ୍ତ ସମାଜମଙ୍ଗଳ ଅନୁଷ୍ଠାନ ବା ସଙ୍ଗଠନ" କହିଲେ କେନ୍ଦ୍ର ସରକାର ଅଥବା ରାଜ୍ୟସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କୌଣସି ଗୋଟିଏ ସମାଜ ମଙ୍ଗଳ ଅନୁଷ୍ଠାନ ବା ସଙ୍ଗଠନ ।

(୨) ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ୨)ର ଅଧ୍ୟାୟ-୩୬ରେ ଥିବା ବ୍ୟବସ୍ଥାମାନ ଏହି ଆଇନ୍ ଅନୁଯାୟୀ ଦଣ୍ଡନୀୟ ଅପରାଧ ପ୍ରତି ପ୍ରଯୁଜ୍ୟ ହେବ ନାହିଁ ।

ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନ୍‌ରେ ଯାହାକିଛି ଥାଉନା କାହିଁକି, ଅପରାଧ ଯୋଗୁଁ ବ୍ୟଥିତ ହୋଇଥିବା ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା କୌଣସି ବିବୃତ୍ତି ଫଳରେ ତାଙ୍କୁ ଏହି ଆଇନ୍ ଅଧୀନରେ କୌଣସି ଦଣ୍ଡବିଧାନର ଶୀକାର ହେବାକୁ ପଡିବନି ।

## ୮. କତିପୟ ଉଦ୍ଦେଶ୍ୟାର୍ଥେ ଅପରାଧଗୁଡ଼ିକ ଧର୍ତ୍ତବ୍ୟ ହେବ ଏବଂ ପୁଣି ଜାମିନଯୋଗ୍ୟ ଏବଂ ରଫା-ରହିତ ହେବ-

(୧) ଫୌଜ୍‌ଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ ର ୨) ଏହି ଆଇନ ଅଧୀନସ୍ଥ ଅପରାଧଗୁଡିକ ପ୍ରତି ପ୍ରଯୁଜ୍ୟ ହେବ, ଯେପରିକି ସେଗୁଡିକ ଧର୍ତ୍ତବ୍ୟ ଅପରାଧ ଅଟେ -

(ଏ) ଏତାଦୃଶ ଅପରାଧଗୁଡିକର ତଦନ୍ତ ଉଦ୍ଦେଶ୍ୟରେ; ଏବଂ

(ବି) ନିମ୍ନୋକ୍ତ ବିଷୟଗୁଡ଼ିକ ବ୍ୟତୀତ ଅନ୍ୟାନ୍ୟ ବିଷୟଗୁଡ଼ିକ ଉଦ୍ଦେଶ୍ୟରେ-

(୧) ସେହି ସଂହିତାର ଧାରା ୪୨ର ସୂଚୀତ ହୋଇଥିବା ବିଷୟମାନ, ଏବଂ

(୨) ବିନା ଗିରଫ ପରୱାନା ବା ମାଜିଷ୍ଟ୍ରେଟ୍‌ଙ୍କ ବିନା ଆଦେଶରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯିବା।

(୨) ଏହି ଆଇନ୍ ଅଧିନସ୍ଥ ପ୍ରତ୍ୟେକ ଅପରାଧ ଜାମିନ୍‌ବିହୀନ ଏବଂ ରଫାରହିତ ଅଟେ।

## ୮-ଏ. ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକରେ ପ୍ରମାଣଭାର:

ଯେଉଁ ସ୍ଥଳେ ଧାରା ୩ ଅଧୀନରେ ଯୌତୁକ ନେବା ବା ଯୌତୁକ ନେବାକୁ ପ୍ରୋତ୍ସାହନ କରିବା କାରଣରୁ କିମ୍ବା ଧାରା ୪ ଅଧୀନରେ ଯୌତୁକ ଦାବୀ କରିବା କାରଣରୁ ଦଣ୍ଡବିଧିର ସମ୍ମୁଖୀନ ହୁଅନ୍ତି, ସେପରି ସ୍ଥଳେ ସେହି ଧାରାଗୁଡ଼ିକ ଅଧୀନସ୍ଥ ଅପରାଧ ସେ ଘଟାଇ ନାହାନ୍ତି ବୋଲି ପ୍ରମାଣ-ଭାର ତାଙ୍କ ଉପରେ ନ୍ୟସ୍ତ ରହିବ।

## ୮-ବି. ଯୌତୁକ ନିବାରଣ ଅଧିକାରୀଗଣ:

(୧) ରାଜ୍ୟ ସରକାର ସେତେ ସଂଖ୍ୟକ ଯୌତୁକ ନିବାରଣ ଅଧିକାରୀଙ୍କୁ ନିଯୁକ୍ତ କରିପାରନ୍ତି, ଯାହାକି ତାଙ୍କ ମତରେ ଉପଯୁକ୍ତ ଏବଂ ଏହା ସହିତ ସେହିସବୁ ଇଲାକାଗୁଡ଼ିକ ବିନିର୍ଦ୍ଦିଷ୍ଟ କରିବେ, ଯେଉଁଥିରେ ସେମାନେ ଏହି ଆଇନ୍ ଅଧୀନରେ ନିଜର କ୍ଷେତ୍ରାଧିକାର ତଥା କ୍ଷମତା ପ୍ରୟୋଗ କରିବେ।

(୨) ପ୍ରତି ଯୌତୁକ ନିବାରଣ ଅଧିକାରୀ ନିମ୍ନୋକ୍ତ କ୍ଷମତାବଳୀର ପ୍ରୟୋଗ ଏବଂ କାର୍ଯ୍ୟାବଳୀର ସମ୍ପାଦନ କରିବେ, ଯଥା-

(ଏ) ଏହି ଆଇନ୍ ର ପ୍ରାବ୍‌ଧାନଗୁଡ଼ିକର ଅନୁପାଳନକୁ ସୁନିଶ୍ଚିତ କରିବା;

(ବି) ଯୌତୁକ ନେବା, ଦେବା, ଏହାକୁ ପ୍ରୋତ୍ସାହନ କରିବା ବା ଦାବୀ କରିବାକୁ ଯଥାସମ୍ଭବ ବାରଣ କରିବା;

(ସି) ସେହିସବୁ ପ୍ରମାଣଗୁଡ଼ିକୁ ସଂଗ୍ରହ କରିବା, ଯାହାକି ଆଇନ୍ ଅଧୀନସ୍ଥ ଅପରାଧଗୁଡ଼ିକ ଘଟାଇଥିବା ବ୍ୟକ୍ତିମାନଙ୍କ ଅଭିଯୋଜନ ପାଇଁ ଆବଶ୍ୟକ;

(ଡି) ସେହିସବୁ ଅତିରିକ୍ତ କାର୍ଯ୍ୟାବଳୀ ସଂପାଦନ କରିବା, ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ତାଙ୍କ ଉପରେ ନ୍ୟସ୍ତ କରାଯାଇପାରେ, କିମ୍ବା ଯାହାକି ଏହି ଆଇନ୍ ଅଧୀନରେ ପ୍ରଣୀତ ନିୟମାବଳୀରେ ବିନିର୍ଦ୍ଦିଷ୍ଟ ହୋଇଥିବ।

(୩) ରାଜ୍ୟ ସରକାର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପୂର୍ବକ ଯୌତୁକ ନିବାରଣ ଅଧିକାରୀଙ୍କ ଉପରେ ଗୋଟିଏ ପୋଲିସ୍ ଅଧିକାରୀର ସେହିସବୁ କ୍ଷମତା ନ୍ୟସ୍ତ କରିବେ, ଯାହାକି ବିଜ୍ଞପ୍ତିରେ ବିନିର୍ଦ୍ଦିଷ୍ଟ ହୋଇଥିବ ଏବଂ ସେହି ଯୌତୁକ ନିବାରଣ ଅଧିକାରୀ ସେହିସବୁ କ୍ଷମତାକୁ ଏଭଳି ସୀମାବନ୍ଧନ ଓ ସର୍ତ୍ତାବଳୀ ଅଧୀନରେ ରହି ପ୍ରୟୋଗ କରିବେ, ଯାହାକି ଏହି ଆଇନ୍ ଅଧୀନରେ ପ୍ରଣୀତ ନିୟମାବଳୀରେ ବିନିର୍ଦ୍ଦିଷ୍ଟ ହୋଇ ଥାଇପାରେ ।

(୪) ଯୌତୁକ ନିବାରଣ ଅଧିକାରୀମାନେ ଏହି ଆଇନ୍ ଅଧୀନରେ ନିଜର କାର୍ଯ୍ୟାବଳୀକୁ ସୁଦକ୍ଷ ଭାବେ ସଂପାଦନ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ପରାମର୍ଶ ଏବଂ ସହାୟତା ପ୍ରଦାନ ପାଇଁ ରାଜ୍ୟ ସରକାର ଏକ ଉପଦେଷ୍ଟା ପରିଷଦ ନିଯୁକ୍ତ କରିପାରନ୍ତି; ଏହି ଉପଦେଷ୍ଟା ପରିଷଦରେ ଯେଉଁମାନେ ସଦସ୍ୟ ରହିବେ, ସେମାନଙ୍କ ସଂଖ୍ୟା ୫ଜଣ ସମାଜ କର୍ମୀଙ୍କ ଠାରୁ ଅଧିକ ହୋଇନଥିବ (ସେମାନଙ୍କ ଭିତରୁ ଅନ୍ୟୂନ ଦୁଇଜଣ ମହିଳା ହୋଇଥିବେ) ଏବଂ ସେମାନେ ସମସ୍ତେ ସେହି ଇଲାକାର ହୋଇଥିବେ, ଯାହା ଉପରେ ଉପଧାରା (୧) ଅନୁଯାୟୀ ଯୌତୁକ ନିବାରଣ ଅଧିକାରୀ ନିଜର କ୍ଷେତ୍ରାଧିକାର ପ୍ରୟୋଗ କରୁଥିବେ ।

**୯. ନିୟମାବଳୀ ପ୍ରଣୟନ ପାଇଁ କ୍ଷମତା:**

(୧) କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶ ବଳରେ ଏହି ଆଇନ୍‌ର ଉଦ୍ଦେଶ୍ୟସମୂହର କାର୍ଯ୍ୟକାରିତା ପାଇଁ ନିୟମାବଳୀ ପ୍ରଣୟନ କରିପାରନ୍ତି ।

(୨) ବିଶେଷ କରି ତଥା ପୂର୍ବୋକ୍ତ କ୍ଷମତାର ସାର୍ବିକତାକୁ କ୍ଷୁର୍ଣ୍ଣ ନକରି ଏହି ନିୟମାବଳୀ ନିମ୍ନୋକ୍ତ ବ୍ୟାପାରରେ ବ୍ୟବସ୍ଥା କରିପାରେ -

(ଏ) ଧାରା-୩ର ଉପଧାରା-୨ରେ ସୂଚୀତ ଉପହାରଗୁଡିକର ତାଲିକା କେଉଁ ଫର୍ମରେ ଓ କେଉଁ ଶୈଳୀରେ ଏବଂ କେଉଁ ବ୍ୟକ୍ତିଙ୍କ ଦ୍ୱାରା ଅନୁରକ୍ଷିତ ହେବ ଏବଂ ତତ୍‌ସଂକ୍ରାନ୍ତ ଅନ୍ୟାନ୍ୟ ବିଷୟମାନ ; ଏବଂ

(ବି) ଏହି ଆଇନ୍‌ର ପ୍ରଶାସନ ସମ୍ପର୍କୀତ ନୀତି ଓ କର୍ମଧାରା ଭିତରେ ଉନ୍ନତତର ସମନ୍ୱୟ ରକ୍ଷା ।

(୩) ଯେତେବେଳେ ସଂସଦର ଅଧିବେଶନ ସମୁଦାୟ ସମୟକାଳ ୩୦ଦିନ ପାଇଁ ଚାଲୁ ଥାଏ, ଏବଂ ଏହି ସମୟକାଳ ଏକ ବା ଦୁଇ ବା ତତୋଧିକ ଲଗାତାର ଅଧିବେଶନକୁ ବ୍ୟାପ୍ତ ହୋଇଥାଇପାରେ, ସେତେବେଳେ ଏହି ଧାରା ଅଧୀନରେ ପ୍ରଣୀତ ପ୍ରତି ନିୟମାବଳୀକୁ ସଂସଦର ପ୍ରତି ଗୃହରେ ଉପସ୍ଥାପନ କରାଯିବ, ଏବଂ ଉଲ୍ଲିଖିତ ଅଧିବେଶନ ବା ଲଗାତାର ଅଧିବେଶନଗୁଡିକର ସମାପ୍ତି ପୂର୍ବରୁ ଯଦି ଉଭୟ ଗୃହ ନିୟମାବଳୀରେ କୌଣସି

ସଂଶୋଧନ ଆଣିବା ପାଇଁ ସହମତ ହୁଅନ୍ତି ଅଥବା ସେମାନେ ସହମତ ହୁଅନ୍ତି ଯେ ଏହି ନିୟମାବଳୀ ପ୍ରଣୟନ ହେବା କଥା ନୁହେଁ, ତେବେ ଏହାପରେ ଯଥାସ୍ଥିତି ନିୟମାବଳୀ ସେହି ସଂଶୋଧିତ ରୂପରେ ପ୍ରଭାବଶାଳୀ ରହିବ ନଚେତ୍ ଏହା କୌଣସି ପ୍ରଭାବ ବହନ କରିବ ନାହିଁ; କିନ୍ତୁ ଏତାଦୃଶ ସଂଶୋଧନ ବା ପ୍ରତ୍ୟାଖ୍ୟାନ ବଳରେ ଉକ୍ତ ନିୟମାବଳୀ ଅଧିନରେ ସମ୍ପାଦିତ ହୋଇଥିବା କୌଣସି କାର୍ଯ୍ୟର ବୈଧତା କ୍ଷୁର୍ଣ୍ଣ ହେବ ନାହିଁ ।

**୧୦. ନିୟମାବଳୀ ପ୍ରଣୟନ ପାଇଁ ରାଜ୍ୟସରକାରଙ୍କ କ୍ଷମତା-**

(୧) ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶନ କରି ରାଜ୍ୟ ସରକାର ଏହି ଆଇନ୍‌ର ଉଦ୍ଦେଶ୍ୟସମୂହକୁ କାର୍ଯ୍ୟକାରୀ କରିବା ପାଇଁ ନିୟମାବଳୀ ପ୍ରଣୟନ କରିପାରନ୍ତି ।

**(୨)** ବଶେଷ କରି ଏବଂ ଉଲ୍ଲିଖିତ କ୍ଷମତାର ସାର୍ବିକତାକୁ କ୍ଷୁର୍ଣ୍ଣ ନକରି, ଏତାଦୃଶ ନିୟମାବଳୀ ନିମ୍ନୋକ୍ତ ସମସ୍ତ କିମ୍ବା କୌଣସି ବିଷୟରେ ବ୍ୟବସ୍ଥାମାନ ପ୍ରଣୟନ କରିପାରନ୍ତି, ଯଥା :

(ଏ) ଧାରା ୮-ବି ଅନ୍ତର୍ଗତ ଉପଧାରା (୨) ଅଧୀନରେ ଯୌତୁକ ନିବାରଣ ଅଧିକାରୀମାନଙ୍କ ଦ୍ୱାରା ସମ୍ପାଦିତ ହେବାକୁ ଥିବା ଅତିରିକ୍ତ କାର୍ଯ୍ୟାବଳୀ ;

(ବି) କେଉଁସବୁ ସୀମାବନ୍ଧନ ଓ ସର୍ତ୍ତାବଳୀ ଅଧୀନରେ ରହି ଯୌତୁକ ନିବାରଣ ଅଧିକାରୀମାନେ ଧାରା ୮-ବି ଅନ୍ତର୍ଗତ ଉପଧାରା (୩) ଅଧୀନସ୍ଥ କର୍ତ୍ତବ୍ୟମାନ ପ୍ରୟୋଗ କରିପାରନ୍ତି ।

(୩) ଏହି ଧାରା ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତି ନିୟମକୁ ଏହାର ପ୍ରଣୟନ ପରେ ପରେ ଯଥାଶୀଘ୍ର ରାଜ୍ୟ ବିଧାୟିକାରେ ଉପସ୍ଥାପନ କରାଯିବ ।

# ଯୌତୁକ ନିବାରଣ (କନ୍ୟା ଓ ବରକୁ ପ୍ରଦତ୍ତ ଉପହାରମାନଙ୍କର ତାଲିକାସମୂହର ଅନୁରକ୍ଷଣ) ନିୟମାବଳୀ, ୧୯୮୫

**ଜି.ଏସ୍.ଆର୍. ୬୬୪ (ଇ) ତା ୧୯ ଅଗଷ୍ଟ ୧୯୮୫ ରିଖ -** ଯୌତୁକ ନିବାରଣ ଆଇନ୍, ୧୯୬୧ (୧୯୬୧ର ୨୮)ର ଧାରା (୯) ବଳରେ ପ୍ରଦତ୍ତ କ୍ଷମତାର ପ୍ରୟୋଗାର୍ଥେ କେନ୍ଦ୍ର ସରକାର ଏତଦ୍ୱାରା ନିମ୍ନୋକ୍ତ ନିୟମାବଳୀ ପ୍ରଣୟନ କରୁଛନ୍ତି , ଯଥା -

**୧. ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ :**

(୧) ଏହି ନିୟମାବଳୀକୁ ଯୌତୁକ ନିବାରଣ (କନ୍ୟା ଓ ବରକୁ ପ୍ରଦତ୍ତ ଉପହାରମାନଙ୍କର ତାଲିକାସମୂହର ଅନୁରକ୍ଷଣ) ନିୟମାବଳୀ, ୧୯୮୫ ବୋଲି କୁହାଯାଇପାରେ ।

(୨) ଏହି ନିୟମାବଳୀ ତା୨ ଅକ୍ଟୋବର ୧୯୮୫ରିଖ ଦିନ ବଳବତ୍ତର ହେବ କାର୍ଯ୍ୟକାରୀ ହେବ, କାରଣ ଠିକ୍ ସେହି ତାରିଖ ହିଁ ଯୌତୁକ ନିବାରଣ (ସଂଶୋଧନ) ଆଇନ୍, ୧୯୮୪ (୧୯୮୪ ର ୬୩) ବଳବତ୍ତରତା ଲାଭ କରିବ ବୋଲି ନିର୍ଦ୍ଧାରିତ ହୋଇସାରିଛି ।

**୨. ଉପହାରଗୁଡ଼ିକର ତାଲିକା କେଉଁ ଶୈଳୀରେ ଅନୁରକ୍ଷିତ ହେବ, ସେ ସମ୍ବନ୍ଧରେ ନିୟମାବଳୀ-**

(୧) ବିବାହ ସମୟରେ କନ୍ୟାକୁ ପ୍ରଦତ୍ତ ଉପହାରଗୁଡ଼ିକର ତାଲିକା କନ୍ୟାଙ୍କ ଦ୍ୱାରା ଅନୁରକ୍ଷିତ ହେବ ।

(୨) ବିବାହ ସମୟରେ ବରକୁ ପ୍ରଦତ୍ତ ଉପହାରଗୁଡ଼ିକର ତାଲିକା ବରଙ୍କ ଦ୍ୱାରା ଅନୁରକ୍ଷିତ ହେବ ।

(୩) ଉପନିୟମ(୧) ଏବଂ ଉପନିୟମ (୨)ରେ ସୂଚୀତ ହୋଇଥିବା ଉପହାରଗୁଡ଼ିକର ପ୍ରତି ତାଲିକା -

(କ) ବିବାହ ସମୟରେ ଅଥବା ବିବାହ ସରିବା କ୍ଷଣି ଯଥାସମ୍ଭବ ଶୀଘ୍ର ପ୍ରସ୍ତୁତ କରାଯିବ ;

(ଖ) ଲିଖିତ ଭାବେ ହେବ ;

(ଗ) ନିମ୍ନୋକ୍ତ ସୂଚନା ବହନ କରିବ, -

୧) ପ୍ରତି ଉପହାର ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବର୍ଣ୍ଣନ;

୨) ଉପହାରଟିର ଅନୁମାନିକ ମୂଲ୍ୟ ;

୩) ଯେଉଁ ବ୍ୟକ୍ତି ଉପହାର ଦେଇଥିବେ, ତାଙ୍କର ନାମ ;ଏବଂ

୪)  ଯେଉଁସ୍ଥଳେ ଉପହାର ଦେଇଥିବା ବ୍ୟକ୍ତି ବର ବା କନ୍ୟାଙ୍କ ସହିତ ସଂପର୍କୀତ ହୋଇଥିବେ, ସେପରି ସ୍ଥଳେ ଏହି ସଂପର୍କ ସମ୍ବନ୍ଧରେ ଏକ ବର୍ଣ୍ଣନ;

(ଘ) ଉଭୟ କନ୍ୟା ଓ ବରଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ।

ସ୍ପଷ୍ଟୀକରଣ-୧: ଯେଉଁସ୍ଥଳେ କନ୍ୟା ସ୍ୱାକ୍ଷର କରିବାକୁ ଅକ୍ଷମ ଥିବେ, ସେପରି ସ୍ଥଳେ ତାଲିକାଟି ତାଙ୍କୁ ପଢି ଶୁଣାଇଦେବା ପରେ ସେ ସ୍ୱାକ୍ଷର ପରିବର୍ତ୍ତେ ଟିପଚିହ୍ନ ଦେଇପାରନ୍ତି ଏବଂ ଯେଉଁ ବ୍ୟକ୍ତି ତାଲିକାରେ ଥିବା ସବିଶେଷ ତଥ୍ୟ ପଢ଼ି ଶୁଣାଇଥିବେ, ତାଙ୍କର ସ୍ୱାକ୍ଷର ତାଲିକାରେ ରହିବ ।

ସ୍ପଷ୍ଟୀକରଣ-୨: ଯେଉଁସ୍ଥଳେ ବର ସ୍ୱାକ୍ଷର କରିବାକୁ ଅକ୍ଷମ ଥିବେ, ସେପରି ସ୍ଥଳେ ତାଲିକାଟି ତାଙ୍କୁ ପଢି ଶୁଣାଇଦେବା ପରେ ସେ ସ୍ୱାକ୍ଷର ପରିବର୍ତ୍ତେ ଟିପଚିହ୍ନ ଦେଇପାରନ୍ତି ଏବଂ ଯେଉଁ ବ୍ୟକ୍ତି ତାଲିକାରେ ଥିବା ସବିଶେଷ ତଥ୍ୟ ପଢ଼ି ଶୁଣାଇଥିବେ, ତାଙ୍କର ସ୍ୱାକ୍ଷର ତାଲିକାରେ ରହିବ ।

(୪) କନ୍ୟା କିମ୍ବା ବର ଇଚ୍ଛାକଲେ ସେମାନଙ୍କର ବିବାହ ସମୟରେ ଉପସ୍ଥିତ ଥିବା ସମ୍ପର୍କୀୟ ବା ସମ୍ପର୍କୀୟମାନଙ୍କର ଅଥବା ଅନ୍ୟ କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କର ସ୍ୱାକ୍ଷର ଉପନିୟମ (୧) ବା ଉପନିୟମ (୨)ରେ ସୂଚୀତ ତାଲିକାଗୁଡିକ ଭିତରୁ କୌଣସିଟିରେ କିମ୍ବା ଉଭୟରେ ରଖାଇ ପାରନ୍ତି ।

# ଯୌତୁକ ନିବାରଣ (ଓଡ଼ିଶା ସଂଶୋଧନ) ଆଇନ୍ , ୧୯୭୫

## ଯୌତୁକ ନିବାରଣ ଆଇନ୍, ୧୯୬୧କୁ ଓଡିଶା ରାଜ୍ୟରେ ଲାଗୁ କରିବା ଉଦ୍ଦେଶ୍ୟରେ ଏହାର ସଂଶୋଧନ ପାଇଁ ପ୍ରଣୀତ ଏକ ଆଇନ୍

*(ଓଡିଶା ଗେଜେଟ୍ ଅସାଧାରଣ ସଂଖ୍ୟା ୮୬/୧୮.୧.୧୯୭୬- ଏ.ଓ. ନଂ. ୧୯୭୬ର ୧ ରେ ପ୍ରକାଶିତ ତଥା ଏହାର ଉଦ୍ଦେଶ୍ୟ ଓ ଯଥାର୍ଥତା ସମ୍ବନ୍ଧରେ ବିବୃତ୍ତି ଓଡିଶା ଗେଜେଟ୍ ଅସାଧାରଣ ସଂଖ୍ୟା ୧୭୮୯/୧୦.୧୧.୧୯୭୫ରେ ପ୍ରକାଶିତ)*

**ଭାରତୀୟ ପ୍ରଜାତନ୍ତ୍ରର ୨୬ତମ ବର୍ଷରେ ଓଡିଶା ରଜ୍ୟର ବ୍ୟବସ୍ଥାପକ ସଭାରେ ଆଇନ୍‌ଟି ନିମ୍ନମତେ ପ୍ରଣୟନ କରାଯାଉଛି :**

### ୧. ସଂକ୍ଷିପ୍ତ ଶିରୋନାମା:

ଏହି ଆଇନ୍‌କୁ ଯୌତୁକ ନିବାରଣ (ଓଡ଼ିଶା ସଂଶୋଧନ) ଆଇନ୍, ୧୯୭୫ ବୋଲି ନାମିତ କରାଯାଇପାରେ ।

### ୨. ନୂତନ ଭାବେ ଧାରା ୬-ଏ ଏବଂ ୬-ବି କୁ ଭର୍ତ୍ତି କରାଯିବା :

ଯୌତୁକ ନିବାରଣ ଆଇନ୍, ୧୯୬୧ (୧୯୬୧ର ୮) ଥଏହାପରେ ମୁଖ୍ୟ ଆଇନ୍ ବୋଲି ସୂଚୀତ ହେବଧ ରେ, ଧାରା ୬ ପରେ ନିମ୍ନୋକ୍ତ ଧାରାମାନ ଭର୍ତ୍ତି ହେବ, ଯଥା :

**"୬-ଏ : ସ୍ତ୍ରୀକୁ ଦାମ୍ପତ୍ୟ ସୁଖରୁ ବଞ୍ଚିତ କରିବା ହେତୁ ଦଣ୍ଡବ୍ୟବସ୍ଥା :**

(୧) ଯଦି କୌଣସି ବ୍ୟକ୍ତି ଯୌତୁକ ଦିଆ ହୋଇନାହିଁ ଅଥବା ଦିଆଯାଇଥିବା ଯୌତୁକ ଯଥେଷ୍ଟ ନୁହେଁ ବୋଲି ଆଳ ଦେଖାଇ ତାଙ୍କର ସ୍ତ୍ରୀଙ୍କୁ ଦାମ୍ପତ୍ୟ ସୁଖରୁ ବଞ୍ଚିତ କରନ୍ତି, ତେବେ ସେ ଯେଉଁ କାରାବାସରେ ଦଣ୍ଡିତ ହେବେ ତାହା ସର୍ବାଧିକ ଏକ ବର୍ଷ ହୋଇପାରେ କିମ୍ବା ଯେଉଁ ଜୋରିମାନାରେ ଦଣ୍ଡିତ ହେବେ, ତାହା ଦଶହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ କିମ୍ବା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

(୨) ଏହି ଧାରା ଅଧିନସ୍ଥ ଏକ ଅପରାଧର ବିଚାର କରୁଥିବା ଅଦାଲତଙ୍କ ସାମନାରେ ଯଦି ସ୍ୱାମୀ ଏକ ବନ୍ଧପତ୍ର ସାକ୍ଷର କରି ଅଙ୍ଗୀକାର କରନ୍ତି ଯେ, ସେ ଆଉ ସମ୍ପୂର୍ଣ୍ଣ କିମ୍ବା ଯଥାସ୍ଥିତି ଆଂଶିକଭାବେ ଯୌତୁକ ଆଦାୟ କରିବେ ନାହିଁ ତଥା ତାଙ୍କ ପତ୍ନୀଙ୍କୁ ଦାମ୍ପତ୍ୟ ଅଧିକାର ପ୍ରଦାନ କରିବେ, ତେବେ ଅଦାଲତ କାର୍ଯ୍ୟବିଧିର ଯେ କୌଣସି ପର୍ଯ୍ୟାୟରେ କାର୍ଯ୍ୟବିଧିକୁ ବନ୍ଦ କରିଦେଇପାରନ୍ତି ।

(୩) ଉପଧାରା(୨) ଅନୁଯାୟୀ ବନ୍ଦ ରହିଥିବା କୌଣସି ଏକ କାର୍ଯ୍ୟବିଧି ପୁନରାୟ ଚାଲୁ ହେବ, ଯଦି ସେହି ମର୍ମରେ ପତ୍ନୀଙ୍କ ତରଫରୁ ଆଗତ କରାଯାଇଥିବା ଏକ

ଆବେଦନ ଫଳରେ ଅଦାଲତଙ୍କର ହୃଦ୍‌ବୋଧ ହୁଏ ଯେ, ସ୍ୱାମୀ ତାଙ୍କର ଅଙ୍ଗୀକାର ପାଳନ କରିବାରେ ବ୍ୟର୍ଥ ହୋଇଛନ୍ତି କିମ୍ବା ଅନ୍ୟଥା ବନ୍ଧପତ୍ରର ସର୍ତ୍ତାବଳୀର ବିରୁଦ୍ଧାଚରଣ କରିଛନ୍ତି, ଏବଂ ତତ୍ପରେ ଅଦାଲତ କାର୍ଯ୍ୟବିଧି ଯେଉଁ ସ୍ତରରେ ବନ୍ଦ ରହିଥିଲା ସେହି ସ୍ତରରୁ ମାମଲାର ବିଚାର ଆରମ୍ଭ କରିଦେବେ ;

**ପରନ୍ତୁ,** ଏହି ଉପଧାରା ଅନୁଯାୟୀ କୌଣସି ଆବେଦନ ଗ୍ରହଣଯୋଗ୍ୟ ହେବନାହିଁ, ଯଦି କାର୍ଯ୍ୟବିଧି ସ୍ଥଗିତ ରଖାଯାଇଥିବା ତାରିଖଠାରୁ ତିନିମାସ ସମୟ ଅତିବାହିତ ହେବା ପରେ ଏହି ଆବେଦନ ଦାଖଲ ହୋଇଥିବ ।

(୪) ଅଦାଲତ ନିର୍ଦ୍ଦେଶ ଦେଇପାରିବେ ଯେ, ଏହି ଧାରା ଅଧୀନରେ ଆରୋପିତ ଜୋରିମାନା ଅର୍ଥରାଶି ବା ତହିଁର ସେହିପ୍ରକାର ଅଂଶବିଶେଷ, ଯାହାକି ଅଦାଲତଙ୍କ ଦୃଷ୍ଟିରେ ଯଥୋଚିତ, ତାକୁ ପତ୍ନୀଙ୍କୁ କ୍ଷତିପୂରଣ ବାବଦରେ ପଇଠ କରାଯିବ ।

**୬(ବି):ଦୋଷୀ-ସାବ୍ୟସ୍ତ ହେବାପରେ ସ୍ୱାମୀଙ୍କ ଦ୍ୱାରା ପତ୍ନୀଙ୍କ ଭରଣପୋଷଣ ପ୍ରଦାନ :**

(୧) ଧାରା ୬-ଏ ଅଧୀନସ୍ଥ ଏକ ଅପରାଧରେ ଜଣେ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେବାର ଆଦେଶ ମିଳିବାର ଦୁଇମାସ ମଧ୍ୟରେ ଯଦି ତାଙ୍କର ପତ୍ନୀ ଭରଣପୋଷଣ ଉଦ୍ଦେଶ୍ୟରେ ଦାବୀ ଆଗତ କରିଥାନ୍ତି, ତେବେ ଅପରାଧର ବିଚାର କରୁଥିବା ଅଦାଲତ ଯେପରି ଉଚିତ୍ ମନେ କରିବେ, ସେପରି ହାରରେ ମାସିକ ଭତ୍ତା ତାଙ୍କର ପତ୍ନୀଙ୍କୁ ଦେବାପାଇଁ ସେହି ବ୍ୟକ୍ତିଙ୍କୁ ଆଦେଶ ଦେଇପାରିବେ, କିନ୍ତୁ ଏହି ମାସିକ ଭତ୍ତା ପାଞ୍ଚଶତ ଟଙ୍କାରୁ ଉର୍ଦ୍ଧ୍ୱ ହେବ ନାହିଁ ।

**ପରନ୍ତୁ,** ସମ୍ପୃକ୍ତ ପକ୍ଷମାନଙ୍କୁ ଶୁଣାଣିର ଯଥୋଚିତ ସୁଯୋଗ ନଦେଇ ଅଦାଲତ କୌଣସି ଆଦେଶ ଜାରି କରିବେ ନାହିଁ ।

(୨) ଏହି ଧାରା ଅଧୀନରେ ମାସିକ ଭତ୍ତାର ପରିମାଣ ନିରୂପଣ କଲାବେଳେ ଅଦାଲତ ନିମ୍ନୋକ୍ତ ବିଷୟଗୁଡିକ ପ୍ରତି ଧ୍ୟାନ ଦେବେ -

(ଏ) ପକ୍ଷମାନଙ୍କର ଅବସ୍ଥାନ ଓ ସ୍ଥିତି ;

(ବି) ପତ୍ନୀଙ୍କର ଯଥୋଚିତ ଆବଶ୍ୟକତା ;

(ସି) ପତ୍ନୀଙ୍କର ସମ୍ପତ୍ତିର ମୂଲ୍ୟ ଏବଂ ପତ୍ନୀଙ୍କର ନିଜସ୍ୱ ରୋଜଗାରରୁ ଅଥବା ଅନ୍ୟ କୌଣସି ସୂତ୍ରରୁ ଆୟ ; ଏବଂ

(ଡି) ଧାରା ୬-ଏ ଅଧୀନରେ ମଞ୍ଜୁର ହୋଇଥିବା କ୍ଷତିଭରଣାର ପରିମାଣ ।

(୩) ଯେଉଁ ଭରଣପୋଷଣ ଭତ୍ତା ପ୍ରଦାନ ପାଇଁ ଏହି ଆଦେଶ ଜାରି ହୋଇଥିବ, ତାହା ସ୍ୱାମୀଙ୍କର ଯଦି କୌଣସି ସମ୍ପତ୍ତି ଥାଏ, ଏବଂ ସେପରି ସମ୍ପତ୍ତି ଆଦେଶ ଜାରି ହେବାର ତାରିଖ ପୂର୍ବରୁ କିମ୍ବା ପରେ ଅର୍ଜିତ ହୋଇଥାଇପାରେ, ସେଥିରୁ ଆଦାୟ କରାଯିବ ।

(୪) ଯେଉଁ ସ୍ଥଳେ ଧାରା ୬-ଏ ଅଧିନସ୍ଥ ଗୋଟିଏ ଅପରାଧ ବ୍ୟାପାରରେ ପତ୍ନୀଙ୍କ ଦ୍ୱାରା କୌଣସି ଅଭିଯୋଗ ଆଗତ କରାଯାଇଥିବ, ସେପରି ସ୍ଥଳେ ସ୍ୱାମୀ ସେ ପର୍ଯ୍ୟନ୍ତ ତାଙ୍କର ଧନସମ୍ପତ୍ତିକୁ ହସ୍ତାନ୍ତର କରିପାରିବେ ନାହିଁ, ସେ ପର୍ଯ୍ୟନ୍ତ-

(ଏ) ଯେଉଁ କ୍ଷେତ୍ରରେ ଏହି ଧାରା ଅନୁସାରେ ଭରଣପୋଷଣ ପାଇଁ କୌଣସି ଦାବୀ କରାଯାଇନାହିଁ, ସେ କ୍ଷେତ୍ରରେ ଏପରି ଦାବୀ ଉପସ୍ଥାପିତ କରିବା ପାଇଁ ଉପଧାରା (୧) ରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟସୀମା ପୂର୍ଣ୍ଣ ହେବାର ତାରିଖ ପର୍ଯ୍ୟନ୍ତ; ଏବଂ

(ବି) ଯେଉଁ କ୍ଷେତ୍ରରେ ଏପରି ଦାବୀ ଆଗତ କରାଯାଇଥିବ, ସେ କ୍ଷେତ୍ରରେ ଦାବୀର ଫଇସଲା ହେବା ପର୍ଯ୍ୟନ୍ତ ।

(୫) ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ଥାଉନା କାହିଁକି, ଯଦି ସ୍ୱାମୀ ଉପଧାରା (୪) ର ପ୍ରାବ୍‌ଧାନଗୁଡିକୁ ଉଲ୍ଲଂଘନ କରି କୌଣସି ସମ୍ପତ୍ତି ହସ୍ତାନ୍ତର କରିଥାନ୍ତି, ତେବେ ଏପରି ହସ୍ତାନ୍ତର ଅସିଦ୍ଧ ବିବେଚିତ ହେବା କଥା ଏବଂ ସେପରି ସମ୍ପତ୍ତିରୁ ନିଜର ଭରଣପୋଷଣ ହାସଲ ପାଇଁ ପତ୍ନୀ ଦାବୀ ଜାହିର୍ କରିପାରନ୍ତି ।

(୬) ଏହ ଧାରା ଅଧୀନରେ ଭରଣପୋଷଣ ଭତ୍ତା ଆଦାୟ ବ୍ୟାପାରରେ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ ର ଦଫା ୧୨୫ ଅଧୀନସ୍ଥ ଉପଦଫା (୩)ରେ ଥିବା ପ୍ରାବ୍‌ଧାନଗୁଡିକ ପ୍ରଯୁଜ୍ୟ ହେବ ।"

## ୩. ଧାରା ୮ ର ସଂଶୋଧନ :

ମୁଖ୍ୟ ଆଇନ୍‌ର ଧାରା ୮ରେ ବ୍ୟବହୃତ ଶବ୍ଦାବଳୀ "ପ୍ରତି ଅପରାଧ" ବଦଳରେ ଏହି ଶବ୍ଦାବଳୀ ପ୍ରତିସ୍ଥାନିତ ହେବ, ଯଥା "ଅନ୍ୟଥା ଯାହାକିଛି ବିହିତ ହୋଇ ଥାଉନା କାହିଁକି, ତହିଁର ବ୍ୟତିରେକ" ।

# ଯୌତୁକ ନିବାରଣ (ସଂଶୋଧନ) ଆଇନ୍, ୧୯୮୬
# (୧୯୮୬ର ସଂଖ୍ୟା ୪୩)

୮ ସେପ୍ଟେମ୍ବର, ୧୯୮୬

*(ଏହା ୧୯ ନଭେମ୍ବର ୧୯୮୬ ତାରିଖରୁ ବଳବତ୍ତର ହେଲା,*
*ଦ୍ରଷ୍ଟବ୍ୟ: ବିଜ୍ଞପ୍ତି ସଂଖ୍ୟା ଜି.ଏସ.ଆର୍. ୧୧୮୫ (ଇ), ତା ୫.୧୧.୧୯୮୬)*

ଯୌତୁକ ନିବାରଣ ଆଇନ୍, ୧୯୬୧ କୁ ପୁଣି ସଂଶୋଧନ କରିବା, ଏବଂ ଭାରତୀୟ ଦଣ୍ଡ ସଂହିତା, ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ ତଥା ଭାରତୀୟ ପ୍ରମାଣ ଆଇନ୍, ୧୮୭୨ରେ ନିର୍ଦ୍ଧିଷ୍ଟ କେତେକ ପରିବର୍ତ୍ତନ ଆଣିବା ସକାଶେ ଉଦ୍ଧିଷ୍ଟ ଏକ ଆଇନ୍ ।
ଭାରତୀୟ ପ୍ରଜାତନ୍ତ୍ରର ୩୭ତମ ବର୍ଷରେ ସଂସଦ ଦ୍ୱାରା ଏହା ନିମ୍ନମତେ ପ୍ରଣୟନ କରାଯାଉଛି –

**୧.  ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ:**

(୧) ଏହି ଆଇନ୍ ଯୌତୁକ ନିବାରଣ (ସଂଶୋଧନ)ଆଇନ୍, ୧୯୮୬ ରୂପେ ନାମିତ ହୋଇପାରେ ।

(୨) କେନ୍ଦ୍ର ସରକାର ଗେଜେଟ୍‌ରେ ବିଜ୍ଞାପନ ପୂର୍ବକ ଯେଉଁ ତାରିଖ ଧାର୍ଯ୍ୟ କରିବେ, ଏହା ସେହି ତାରିଖଠାରୁ ବଳବତ୍ତର ହେବ ।

*(ମୂଳ ଆଇନ୍‌ର ଧାରା ୨ ରୁ ୯ ଅପରିବର୍ତ୍ତିତ ରହିଲା )*

**୧୦.  ଆଇନ୍ (୧୮୬୦ର ୪୫)ର ସଂଶୋଧନ:**

ଭାରତୀୟ ଦଣ୍ଡ ସଂହିତାରେ ଧାରା ୩୦୪-ଏ ପରେ ନିମ୍ନୋକ୍ତ ଧାରା ଭର୍ତ୍ତି ହେବ, ଯଥା-

**"୩୦୪-ବି : ଯୌତୁକ ମୃତ୍ୟୁ –**

(୧) ଯେଉଁସ୍ଥଳେ ବିବାହର ସାତବର୍ଷ ଭିତରେ ଜଣେ ମହିଳାଙ୍କର ପୋଡିହେବା ବା ଶାରିରୀକ ଆଘାତ କାରଣରୁ ଅଥବା ଅନ୍ୟ କୌଣସି ଅସ୍ୱାଭାବିକ ପରିସ୍ଥିତିରେ ମୃତ୍ୟୁ ଘଟିଥାଏ, ଏବଂ ଏହା ଦର୍ଶିତ ହୋଇଥାଏ ଯେ ମୃତ୍ୟୁର ସ୍ୱଳ୍ପକାଳ ପୂର୍ବରୁ ଯୌତୁକ ସକାଶେ କୌଣସି ଦାବୀ ପାଇଁ ବା ଏହାକୁ କେନ୍ଦ୍ର କରି ତାଙ୍କୁ ତାଙ୍କର ସ୍ୱାମୀ ବା ସ୍ୱାମୀଙ୍କର ସଂପର୍କୀୟ ବ୍ୟକ୍ତିଙ୍କ ଦ୍ୱାରା ନିଷ୍ଠୁରତା ଏବଂ ନିର୍ଯ୍ୟାତନା ପ୍ରଦର୍ଶନ କରାଯାଇଥିଲା, ତେବେ ଏହି ମୃତ୍ୟୁକୁ 'ଯୌତୁକ ମୃତ୍ୟୁ' ବୋଲି କୁହାଯିବ ଏବଂ ସେହି ସ୍ୱାମୀ ଏବଂ ତାଙ୍କର ସଂପର୍କୀୟ ଏହି ମୃତ୍ୟୁ ଘଟାଇଛନ୍ତି ବୋଲି ଧରିନିଆଯିବ ।

ସ୍ପଷ୍ଟୀକରଣ:- ଏହି ଉପଧାରାର ଉଦ୍ଦେଶ୍ୟାର୍ଥେ, 'ଯୌତୁକ'ର ଅର୍ଥ ସେଇଆ, ଯାହାକି ଯୌତୁକ ନିବାରଣ ଆଇନ୍, ୧୯୬୧ (୧୯୬୧ର ୨୮)ର ଧାରା ୨ରେ ନ୍ୟସ୍ତ କରାଯାଇଛି ।

(୨) ଯେ କେହି ବ୍ୟକ୍ତି ଯୌତୁକ ମୃତ୍ୟୁ ଘଟାଇବେ, ତାଙ୍କୁ ଜେଲ୍‌ଦଣ୍ଡ ଦିଆଯିବ, ଯାହାକି ଅନ୍ୟୂନ ୭ବର୍ଷ ହୋଇଥିବ, କିନ୍ତୁ ଆଜୀବନ ଜେଲ୍‌ଦଣ୍ଡକୁ ମଧ୍ୟ ବୃଦ୍ଧି କରାଯାଇ ପାରେ ।

**୧୧. ଆଇନ୍ (୧୯୭୪ର ୨)ର ସଂଶୋଧନ:**

ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ର ପ୍ରଥମ ଅନୁସୂଚୀରେ ଧାରା ୩୦୪-ଏ ରେ ଦରଜ ହୋଇଥିବା ବିଷୟ ପରେ, ନିମ୍ନୋକ୍ତ ବିଷୟ ଭର୍ତ୍ତି କରାଯିବ, ଯଥା-

| ଧାରା | ଅପରାଧ | ଦଣ୍ଡ | ଧର୍ତ୍ତବ୍ୟ କି ଅଣଧର୍ତ୍ତବ୍ୟ | ଜାମିନ୍‌ଯୋଗ୍ୟ କି ଜାମିନ୍‌ଅଯୋଗ୍ୟ | **କେଉଁ ଅଦାଲତ ଦ୍ୱାରା ବିଚାରଣୀୟ** |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| **୩୦୪-ବି** | ଯୌତୁକ ମୃତ୍ୟୁ | କାରାଦଣ୍ଡ, ଯାହାକି ସାତବର୍ଷରୁ କମ୍ ହେବନି, କିନ୍ତୁ ଆଜୀବନକୁ ବୃଦ୍ଧି କରାଯାଇପାରେ । | ପୂର୍ବବତ୍ (ଡିଟୋ) | ଜାମିନ୍‌ଅଯୋଗ୍ୟ | ଦୌରା ଅଦାଲତ (ସେସନ୍‌ସ କୋର୍ଟ) |

**୧୨. ଆଇନ୍ (୧୮୭୨ର ୧) ର ସଂଶୋଧନ:**

ଭାରତୀୟ ପ୍ରମାଣ ଆଇନ୍, ୧୮୭୨ରେ ଧାରା ୧୧୩-ଏ ପରେ ନିମ୍ନୋକ୍ତ ଧାରା ଭର୍ତ୍ତି ହେବ, ଯଥା-

**"୧୧୩-ବି: 'ଯୌତୁକ ମୃତ୍ୟୁ' ସମ୍ବନ୍ଧରେ ସ୍ୱତଃ-ଅନୁମାନ:**

ଯେଉଁ ସ୍ଥଳେ ପ୍ରଶ୍ନ ଉଠିବ, ଜଣେ ବ୍ୟକ୍ତି ଗୋଟିଏ ମହିଳାଙ୍କର ଯୌତୁକ ମୃତ୍ୟୁ ଘଟାଇଛନ୍ତି କି ନାହିଁ, ଏବଂ ଏହା ଦର୍ଶିତ ହୋଇଥିବ ଯେ ମୃତ୍ୟୁର ସ୍ୱଳ୍ପକାଳ ପୂର୍ବରୁ ଯୌତୁକ ସକାଶେ କୌଣସି ଦାବୀ ପାଇଁ ବା ଏହାକୁ କେନ୍ଦ୍ର କରି ତାଙ୍କୁ ସେହି ବ୍ୟକ୍ତିଙ୍କ ଦ୍ୱାରା ନିଷ୍ଠୁରତା ଏବଂ ନିର୍ଯ୍ୟାତନା ପ୍ରଦର୍ଶନ କରାଯାଇଥିଲା, ତେବେ ଅଦାଲତ ଧରିନେବେ ଯେ ସେହି ବ୍ୟକ୍ତି ଯୌତୁକ ମୃତ୍ୟୁ ଘଟାଇଛନ୍ତି ।

**ସ୍ପଷ୍ଟୀକରଣ:** -ଏହି ଧାରାର ଉଦ୍ଦେଶ୍ୟାର୍ଥେ, 'ଯୌତୁକ ମୃତ୍ୟୁ'ର ଅର୍ଥ ସେଇଆ, ଯାହାକି ଭାରତୀୟ ଦଣ୍ଡ ସଂହିତା (୧୮୬୦ର୪୫)ର ଧାରା ୩୦୪-ବି ରେ ନ୍ୟସ୍ତ କରାଯାଇଛି ।"

# ଓଡିଶା ଯୌତୁକ ନିବାରଣ ନିୟମାବଳୀ – ୨୦୦୦

**୫ ଜୁନ୍ ୨୦୦୦**

**(ଓଡିଶା ଗେଜେଟ୍ ଅସାଧାରଣ ସଂଖ୍ୟା ୮୫୬, ତା ୮.୬.୨୦୦୦ରେ ପ୍ରକାଶିତ )**

**ଏସ୍.ଆର୍.ଓ. ସଂଖ୍ୟା- ୪୧୦/୨୦୦୦ :** ଯୌତୁକ ନିବାରଣ ଆଇନ୍, ୧୯୬୧ (୧୯୬୧ର ୨୮) ର ଧାରା ୧୦ ବଳରେ ନ୍ୟସ୍ତ କ୍ଷମତାବଳୀର ପ୍ରୟୋଗାର୍ଥେ, ରାଜ୍ୟ ସରକାର ଉଲ୍ଲିଖିତ ଆଇନ୍‌ର ଉଦ୍ଦେଶ୍ୟସମୂହକୁ କାର୍ଯ୍ୟକାରୀ କରିବା ପାଇଁ ଏତଦ୍ଵାରା ନିମ୍ନୋକ୍ତ ନିୟମାବଳୀ ପ୍ରଣୟନ କରୁଛନ୍ତି, ଯଥା-

୧. **ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ:**

(୧) ଏହି ନିୟମାବଳୀକୁ ଓଡିଶା ଯୌତୁକ ନିବାରଣ ନିୟମାବଳୀ,୨୦୦୦ କୁହାଯାଇପାରେ ।

(୨) କେନ୍ଦ୍ର ସରକାର ଗେଜେଟ୍‌ରେ ବିଜ୍ଞାପନ ପୂର୍ବକ ଯେଉଁ ତାରିଖ ଧାର୍ଯ୍ୟ କରିବେ, ଏହା ସେହି ତାରିଖଠାରୁ ବଲବତ୍ତର ହେବ ।

୨. **ସଂଜ୍ଞାମାନ:**

(୧) ପରିପ୍ରେକ୍ଷୀ ଭିନ୍ନାର୍ଥ ଆବଶ୍ୟକ କରୁନଥିଲେ, ଏହି ନିୟମାବଳୀରେ-

(ଏ) **'ଆଇନ'** କହିଲେ, ଯୌତୁକ ନିବାରଣ ଆଇନ୍, ୧୯୬୧ ;

(ବି) **'କମିଶନ୍'** କହିଲେ, ଓଡିଶା ମହିଳା କମିଶନ୍ ଆଇନ୍, ୧୯୯୩ (୧୯୯୪ର ଓଡିଶା ଆଇନ୍ ୧୯) ଅଧୀନରେ ଗଠିତ ରାଜ୍ୟ ମହିଳା କମିଶନ୍ ;

(ସି) **'ଅଭିଯୋଗ', 'ଜିଲ୍ଲା', 'ଜିଲ୍ଲା ମାଜିଷ୍ଟ୍ରେଟ'**, ଓ **'ସରକାରୀ ଅଭିଯୋଜକ'** ଯଥାକ୍ରମେ ସେହିସବୁ ଅର୍ଥ ବହନ କରିବ, ଯାହାକି ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ ର ଆଇନ୍ ସଂଖ୍ୟା ୨)ରେ ନ୍ୟସ୍ତ କରାଯାଇଛି ;

(ଡି) **'ନିର୍ଦ୍ଦେଶକ'** କହିଲେ ସମାଜ ମଙ୍ଗଳ ନିର୍ଦ୍ଦେଶକ, ଓଡିଶା, ଯେ କି ସରକାରଙ୍କ ଦ୍ଵାରା ନିଯୁକ୍ତ ଜଣେ ଅଧିକାରୀ ;

(ଇ) **'ଯୌତୁକ ନିବାରଣ'** ଅଧିକାରୀ କହିଲେ ଧାରା ୮-ବି ଅଧୀନରେ ରାଜ୍ୟ ସରକାରଙ୍କ ଦ୍ଵାରା ଯଥା ଉଦ୍ଦେଶ୍ୟରେ ନିଯୁକ୍ତ ହୋଇଥିବା ଜଣେ ଅଧିକାରୀ;

(ଏଫ୍ **'ପରିବାର ପରାମର୍ଶ କେନ୍ଦ୍ର'** କହିଲେ ସେହିସବୁ ଅନୁଷ୍ଠାନ ଓ ସଂଗଠନସମୂହ, ଯେଉଁଗୁଡିକ ଏହି ଉଦ୍ଦେଶ୍ୟରେ ବିଜ୍ଞପ୍ତି ବଳରେ ଅଥବା ଅନ୍ୟ ପ୍ରକାରେ ସରକାରଙ୍କ ଦ୍ଵାରା ସ୍ୱୀକୃତିପ୍ରାପ୍ତ ହୋଇଥାଏ ;

(ଜି) **'ଫର୍ମ'** କହିଲେ ଏହି ନିୟମାବଳୀ ସହ ସଂଲଗ୍ନ ହୋଇଥିବା ଫର୍ମ ;

(ଏଚ୍) **'ସରକାର'** କହିଲେ ଓଡିଶା ସରକାର ;

(ଆଇ) **'ଧାରା'** କହିଲେ ଆଇନ୍‌ର ଧାରା;

(ଜେ) **'ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍'** କହିଲେ ଜିଲ୍ଲା ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍ ଏବଂ ଏହି ଅର୍ଥ ମଧ୍ୟରେ ଅନ୍ତର୍ଭୁକ୍ତ ହେବ ପୋଲିସ୍ ଆଇନ୍, ୧୯୬୧ଅଧୀନରେ କୌଣସି ଏକ ଜିଲ୍ଲାରେ ଜିଲ୍ଲା ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍‌ଙ୍କର ସମସ୍ତ ବା କୌଣସି ଦାୟିତ୍ୱକୁ

ସମ୍ପାଦନ କରିବା ପାଇଁ ସରକାରଙ୍କ ସାଧାରଣ ବା ସତନ୍ତ୍ର ଆଦେଶ ବଳରେ ନିଯୁକ୍ତ ହୋଇଥିବା ଅତିରିକ୍ତ ଜିଲ୍ଲା ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍ ବା ଅନ୍ୟ କେହି ବ୍ୟକ୍ତି ;

(କେ) **'ସ୍ୱେଚ୍ଛାସେବୀ ସଂଗଠନ'** କହିଲେ ସମିତି ପଞ୍ଜିକରଣ ଆଇନ୍ (୧୮୬୦ର ଆଇନ୍ ସଂଖ୍ୟା ୨୧) ଅଧୀନରେ ପଞ୍ଜିକୃତ ହୋଇଥିବା ତଥା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏକ ଅନୁଷ୍ଠାନ ବା ସଂଗଠନ ।

(୨) ଏହି ନିୟମାବଳୀରେ ବ୍ୟବହୃତ ହୋଇଥିବା ଅଥଚ ସଂଜ୍ଞାୟିତ ହୋଇନଥିବା ଅନ୍ୟ ସବୁ ଶବ୍ଦାବଳୀ ଏବଂ ଉକ୍ତିସମୂହ ଯଥାକ୍ରମେ ସେହିସବୁ ଅର୍ଥ ବହନ କରିବ, ଯାହା କି ସେଗୁଡିକ ଉପରେ ଆଇନ୍, ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩, ଭାରତୀୟ ଦଣ୍ଡ ସଂହିତା, ୧୮୬୦ ଏବଂ ଭାରତୀୟ ପ୍ରମାଣ ଆଇନ୍, ୧୮୭୨ରେ ନ୍ୟସ୍ତ କରାଯାଇଛି ।

**୩. ଯୌତୁକ ନିବାରଣ ଅଧିକାରୀଙ୍କ ଅତିରିକ୍ତ କାର୍ଯ୍ୟାବଳୀ:**

ଯୌତୁକ ନିବାରଣ ଅଧିକାରୀ ନିମ୍ନମତେ ଅତିରିକ୍ତ କାର୍ଯ୍ୟାବଳୀ ସମ୍ପାଦନ କରିବେ:

(ଏ) ସରକାରଙ୍କ ଅନ୍ୟ ବିଭାଗସମୂହ ତଥା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହାୟତାରେ ସେ ଶିବିରମାନ ଆୟୋଜନ କରି ତଥା ଅନ୍ୟାନ୍ୟ ଉପଯୁକ୍ତ ମାଧ୍ୟମ ଜରିଆରେ ସେ ର୍ବସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି କରିବେ;

(ବି) ପରିବାର ପରାମର୍ଶ କେନ୍ଦ୍ରସମୂହ କିମ୍ବା ତାଙ୍କ ଦ୍ୱାରା ଚୟନ ହୋଇଥିବା ଅନ୍ୟ ବ୍ୟକ୍ତିଗଣ ବା ଅନୁଷ୍ଠାନଗଣଙ୍କ ସହାୟତାରେ ସେ ପରାମର୍ଶ ପ୍ରଦାନ ବା ଅନ୍ୟ କୌଣସି ଉପାୟରେ ଯୌତୁକ ସଂପର୍କୀତ ବିବାଦଗୁଡିକୁ ମୀମାଂସା କରିବେ ;

(ସି) ପୋଲିସ୍ ମାଧ୍ୟମରେ ଏହିସବୁ ମାମଲାଗୁଡିକର ଦ୍ରୁତ ଅନୁସନ୍ଧାନ ପାଇଁ ସେ ପଦକ୍ଷେପମାନ ଗ୍ରହଣ କରିବେ;

(ଡି) ଆଇନ୍ ଅଧୀନରେ ଘଟିଥିବା ଅପରାଧଗୁଡିକ ସମ୍ବନ୍ଧରେ ତାଙ୍କ ଦ୍ୱାରା ସଂଗୃହୀତ ହୋଇଥିବା ପ୍ରମାଣକୁ ମାମଲାର ଅନୁସନ୍ଧାନ କରୁଥବା ସଂପୃକ୍ତ ପୋଲିସ୍ ଅଧିକାରୀଙ୍କ ନିକଟକୁ ପଠାଇବେ, ଯିଏ କି ଏହି ପ୍ରମାଣ ଉପରେ ଧ୍ୟାନ ଦେବେ ;

(ଇ) ଆଇନ୍ ଅଧୀନସ୍ଥ କୌଣସି ବିଚାରାଧୀନ ମାମଲା ସମ୍ବନ୍ଧରେ ସେ ଯଥାସ୍ଥିତି ସରକାରୀ ଅଭିଯୋଜକ କିମ୍ବା ସହକାରୀ ସରକାରୀ ଅଭିଯୋଜକଙ୍କୁ ପରାମର୍ଶ ପ୍ରଦାନ କରିବେ ;

(ଏଫ୍) ସେ ଯଥାସ୍ଥିତି ଜିଲ୍ଲା ମାଜିଷ୍ଟ୍ରେଟ୍, ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍ ବା ନିର୍ଦ୍ଦେଶକ ବା କମିଶନଙ୍କ ନିକଟକୁ ଫର୍ମ-ଏ ରେ ତ୍ରୈମାସିକ ବିବରଣୀମାନ ପଠାଇବେ, ଯେଉଁଥିରେ କେତେ ସଂଖ୍ୟକ ଅଭିଯୋଗ ହସ୍ତଗତ ହୋଇଛି, କି କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏବଂ ଯଦି କୌଣସି ମୀମାଂସା ସମ୍ପାଦିତ ହୋଇଥାଏ, ସେସବୁ ସମ୍ବନ୍ଧରେ ସୂଚୀତ ଥିବ ।

(ଜି) ପ୍ରତି ଅଭିଯୋଗର ମାମଲା ଉପରେ ସେ ପ୍ରାସଙ୍ଗିକ ଅଭିଲେଖଗୁଡିକ ସମେତ ସତନ୍ତ୍ର ଫାଇଲ୍‌ମାନ ରକ୍ଷଣାବେକ୍ଷଣ କରିବେ; ଏବଂ

(ଏଚ୍) ଏହି ନିୟମାବଳୀର ନିୟମ-୭ ଅଧୀନରେ ଗଠିତ ହୋଇଥିବା ଉପଦେଷ୍ଟା ପରିଷଦର ପରାମର୍ଶ/ସହାୟତା ଲୋଡି ସେ କୌଣସି ଏକ ମାମଲା ଉପରେ ସେମାନଙ୍କ ଦୃଷ୍ଟି ଆହ୍ୱାନ୍ କରିପାରନ୍ତି ।

**୪. ଅଭିଯୋଗକୁ ଲିପିବଦ୍ଧ କରିବାର ପ୍ରକ୍ରିୟା:**

ଯୌତୁକ ନିବାରଣ ଅଧିକାରୀ-

(ଏ) ଯେ କୌଣସି ବ୍ୟଥିତ ବ୍ୟକ୍ତି ବା ତାଙ୍କର ପିତାମାତା ଅଥବା ସଂପର୍କୀୟଙ୍କ ଠାରୁ ବ୍ୟକ୍ତିଗତ ଭାବେ ବା ଡାକ ଯୋଗେ ଆଇନ୍ ଅଧୀନସ୍ଥ କୌଣସି ଅପରାଧ ସମ୍ବନ୍ଧରେ ଅଭିଯୋଗ ଗ୍ରହଣ କରିପାରନ୍ତି । ଏ ଧରଣର ଅପରାଧ ସମ୍ବନ୍ଧରେ ନିଜେ ସୂଚନା ପାଇଥାନ୍ତୁ ବା ଅନ୍ୟ କୌଣସି ସୂତ୍ରରୁ ପାଇଥାନ୍ତୁ, ସେ ସ୍ୱୟଂଚାଳିତ ହୋଇ କାର୍ଯ୍ୟାନୁଷ୍ଠାନ ନେଇପାରିବେ ;

(ବି) ତାଙ୍କୁ ହସ୍ତଗତ ହୋଇଥିବା ଅଭିଯୋଗଗୁଡିକୁ ଫର୍ମ-ବି ରେ କ୍ରମାଙ୍କିତ କରି ଯଥାବିଧି ଲିପିବଦ୍ଧ କରିବେ ;

(ସି) ପ୍ରତି ଅଭିଯୋଗକୁ ପରୀକ୍ଷା କରିବେ ତଥା ଅଭିଯୋଗଗୁଡିକର ଯଥାର୍ଥତା ସମ୍ବନ୍ଧରେ ପ୍ରମାଣ ସଂଗ୍ରହ ପାଇଁ ଏକ ପ୍ରାଥମିକ ଅନୁସନ୍ଧାନ କରାଇବେ;

(ଡି) ପ୍ରମାଣ ସଂଗ୍ରହ ଉଦ୍ଦେଶ୍ୟରେ ସେ ଅଭିଯୋଗର ଶୁଣାଣି କରିବା ସକାଶେ ଏହାର ତାରିକ, ସମୟ ଏବଂ ସ୍ଥାନ ସୂଚୀତ କରି ସଂପୃକ୍ତ ପକ୍ଷମାନଙ୍କୁ ତଥା ସାକ୍ଷୀମାନଙ୍କୁ ନୋଟିସ୍ ପଠାଇବେ ;

(ଇ) ପକ୍ଷମାନଙ୍କୁ ତଥା ସାକ୍ଷୀମାନଙ୍କୁ ଶୁଣାଣି କରିବେ ତଥା ସରାସରି ପଦ୍ଧତିରେ ସେମାନଙ୍କ ଠାରୁ ମିଳିଥିବା ପ୍ରମାଣକୁ ଲିପିବଦ୍ଧ କରିବେ ; ଏବଂ

(ଏଫ୍) ଏକ ଅଭିଯୋଗ ସଂକ୍ରାନ୍ତରେ ଅନୁସନ୍ଧାନ ଚାଲିଥିବା ବେଳେ ସେଥିରେ ସହାୟତା ପାଇଁ, ବିଶେଷ କରି ଗୋପନୀୟ ସୂଚନା ସଂଗ୍ରହ କରିବା ପାଇଁ ସେ ଅନ୍ୟ ଅଧିକାରୀମାନଙ୍କର ସହଯୋଗକୁ ବ୍ୟବହାର କରିପାରନ୍ତି ।

**୫. ଯୌତୁକ ନିବାରଣ ଅଧିକାରୀଙ୍କ କ୍ଷମତା ପ୍ରୟୋଗର ସୀମାବଦ୍ଧତା:**

ଅନୁସନ୍ଧାନ ସମୟରେ ସାକ୍ଷୀମାନଙ୍କୁ ଡକାଇବା, ସେମାନଙ୍କ ହାଜିରାକୁ ସୁନିଶ୍ଚିତ କରାଇବା ତଥା ନଥିପତ୍ରର ଦାଖଲକୁ ସୁନିଶ୍ଚିତ କରାଇବା ଉଦ୍ଦେଶ୍ୟରେ ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ ଅଧୀନରେ ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ ଯେଉଁ କ୍ଷମତା ପ୍ରୟୋଗ କରିଥାନ୍ତି, ଯୌତୁକ ନିବାରଣ ଅଧିକାରୀ ସେହି କ୍ଷମତାକୁ ହିଁ ପ୍ରୟୋଗ କରିବେ ।

**୬. ବିବାହର ପକ୍ଷମାନଙ୍କ ଦ୍ୱାରା ଉପହାରସମୂହର ତାଲିକା ଦାଖଲ:**

ଯଦି ଯୌତୁକ ନିବାରଣ ଅଧିକାରୀ ଆବଶ୍ୟକ କରନ୍ତି, ତେବେ ଏକ ବିବାହର ସମସ୍ତ ପକ୍ଷ ଅଥବା କୌଣସି ଏକ ପକ୍ଷର ପିତାମାତାଙ୍କ ଭିତରୁ କୌଣସି ଜଣେ ବ୍ୟକ୍ତି ଉପହାରସମୂହର ଏକ ତାଲିକା ତାଙ୍କୁ ଯୋଗାଇ ଦେବେ, ଯାହାକି ଆଇନ୍ ଅଧୀନରେ ପ୍ରଣୀତ ଯୌତୁକ ନିବାରଣ (ବର ଓ କନ୍ୟାଙ୍କୁ ପ୍ରଦତ୍ତ ଉପହାରସମୂହର ତାଲିକାର ଅନୁରକ୍ଷଣ) ନିୟମାବଳୀ, ୧୯୮୫ ଅଧୀନରେ ଅନୁରକ୍ଷିତ ହେବା ବିଧେୟ ।

## ୭. ଉପଦେଷ୍ଟା ପରିଷଦର ଗଠନ ଏବଂ କାର୍ଯ୍ୟାବଳୀ:

(୧) ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସୁପାରିଶ୍ ମତେ ସରକାର ୫ ଜଣ ସମାଜ କଲ୍ୟାଣ କର୍ମୀଙ୍କୁ ନେଇ ଏକ ଉପଦେଷ୍ଟା ପରିଷଦ ନିଯୁକ୍ତ କରିବେ, ଯେଉଁମାନଙ୍କ ଭିତରେ ସଂପୃକ୍ତ ଯୌତୁକ ନିବାରଣ ଅଧିକାରୀଙ୍କ କ୍ଷେତ୍ରାଧିକାର ଅଧୀନସ୍ଥ ଅଞ୍ଚଳର ଅନ୍ୟୁନ ଦୁଇଜଣ ମହିଳା ଥିବେ । ଉପଦେଷ୍ଟା ପରିଷଦରେ ସମାଜର ଦୁର୍ବଳତର ଗୋଷ୍ଠୀ ଓ ଆଇନ୍ କ୍ଷେତ୍ରରୁ ଯଥୋଚିତ ପ୍ରତିନିଧିତ୍ୱ ରହିବ ।

(୨) ପରିଷଦର ବୈଠକର କାର୍ଯ୍ୟ ପରିଚାଳିତ ହେବା ସକାଶେ ଅଧ୍ୟକ୍ଷଙ୍କୁ ମିଶେଇ ତିନିଜଣ ସଦସ୍ୟ ନ୍ୟୁନତମ ଉପସ୍ଥାନ (କୋରମ୍ ) ଗଠନ କରିବେ ।

(୩) (୧) ଯେଉଁ ଅଞ୍ଚଳ ପାଇଁ ପରିଷଦ ଗଠିତ ହେବା କଥା, ସେହି ଅଞ୍ଚଳରୁ ବ୍ୟକ୍ତିମାନଙ୍କୁ ନେଇ ସରକାର ପରିଷଦ ଗଠନ କରିବେ ।

(୨) ପରିଷଦର କାର୍ଯ୍ୟକାଳ ସାଧାରଣତଃ ତିନି ବର୍ଷ ରହିବ, ଏବଂ ପରିଷଦର ସଦସ୍ୟମାନେ ସର୍ବାଧିକ ଲଗାତାର ଦୁଇଟି କାର୍ଯ୍ୟକାଳ ପାଇଁ ପୁନଃ-ମନୋନୀତ ହୋଇପାରିବେ ।

(୩) କିନ୍ତୁ କୌଣସି କାରଣ ନଦର୍ଶାଇ ଯେ କୌଣସି ସମୟରେ ଏଭଳି ଏକ ପରିଷଦକୁ ଅଧିକ୍ରମଣ କରିବାର ଅଧିକାର ସରକାରଙ୍କର ରହିବ ।

(୪) (ଏ) ପ୍ରତି ଉପଦେଷ୍ଟା ପରିଷଦ ପାଇଁ ଜଣେ ଅଧ୍ୟକ୍ଷ ରହିବେ, ଯେ କି ଯଥାସ୍ଥିତି ସଦସ୍ୟମାନଙ୍କ ଭିତରୁ ମନୋନୀତ ହେବେ, ନଚେତ୍ ସେମାନଙ୍କ ଦ୍ୱାରା ନିର୍ବାଚିତ ହେବେ ।

(ବି) ଯୌତୁକ ନିବାରଣ ଅଧିକାରୀ ପରିଷଦର ଆବାହକ ରୂପେ କାର୍ଯ୍ୟ ତୁଲାଇବେ କିମ୍ବା ତାଙ୍କ ସ୍ଥାନରେ ତାଙ୍କ କାର୍ଯ୍ୟ ତୁଲାଇବା ପାଇଁ ସେ ତାଙ୍କ ପସନ୍ଦ ମୁତାବକ ଜଣେ ଅଧସ୍ତନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି ।

(୫) ଅଧ୍ୟକ୍ଷଙ୍କ ସମ୍ମତି କ୍ରମେ ଆବାହକ ପରିଷଦର ବୈଠକ ଆହ୍ୱାନ୍ କରିପାରନ୍ତି ।

(୬) ଉପଦେଷ୍ଟା ପରିଷଦର କାର୍ଯ୍ୟାବଳୀ ମୂଳତଃ ନିମ୍ନୋକ୍ତ ପ୍ରକାରର ହେବ, ଯଥା-

(ଏ) ଯୌତୁକ ନିବାରଣ ଅଧିକାରୀଙ୍କ ତ୍ରୈମାସିକ ବିବରଣୀଗୁଡିକୁ ଆଲୋଚନା କରିବା;

(ବି) ଯୌତୁକ ନିବାରଣ ଅଧିକାରୀ ଯାହା ଏବଂ ଯେତେବେଳେ ଆବଶ୍ୟକ କରିବେ, ତଦନୁଯାୟୀ ତାଙ୍କୁ ପରାମର୍ଶ ଏବଂ ସହାୟତା ପ୍ରଦାନ କରିବା; ଏବଂ

(ସି) ଯୌତୁକ ସମସ୍ୟାକୁ ନେଇ ଅନ୍ୟ କୌଣସି ବ୍ୟାପାରରେ ଆଲୋଚନା କରିବା ଏବଂ ଯୌତୁକ ନିବାରଣ ଅଧିକାରୀଙ୍କୁ ନିଜର ମତ ଜଣାଇଦେବା ।

(୭) ଉପଦେଷ୍ଟା ପରିଷଦର ପ୍ରତି ବୈଠକର ବିବରଣୀର ଏକ ନକଲକୁ ଆବାହକ ବୈଠକ ଅନୁଷ୍ଠିତ ହେବା ତାରିଖର ପନ୍ଦର ଦିନ ମଧ୍ୟରେ ନିମ୍ନୋକ୍ତ ବ୍ୟକ୍ତିମାନଙ୍କ ପାଖକୁ ପଠାଇବେ –

(୧)  ଜିଲ୍ଲା ମାଜିଷ୍ଟ୍ରେଟ୍ ;

(୨)  ସବ୍ –ଡିବିଜନାଲ୍ ମାଜିଷ୍ଟ୍ରେଟ୍ ;

(୩)  ନିର୍ଦ୍ଦେଶକ ।

୮. **ଉପଦେଷ୍ଟା ପରିଷଦର ସଦସ୍ୟପଦକୁ ବରଖାସ୍ତ ଏବଂ କୌଣସି ଶୂନ୍ୟସ୍ଥାନ ପୂରଣ:**

(୧) ଉପଦେଷ୍ଟା ପରିଷଦର ଜଣେ ସଦସ୍ୟଙ୍କର ସଦସ୍ୟପଦ ରଦ୍ଦ ହୋଇଯିବ, ଯଦି ସେହି ସଦସ୍ୟ-

(୧) ଯଥେଷ୍ଟ କାରଣ ନଥାଇ ପରିଷଦର ତିନୋଟି ବୈଠକରେ କ୍ରମାଗତ ଭାବେ ଅନୁପସ୍ଥିତ ରୁହନ୍ତି, କିମ୍ବା

(୨) ସରକାରଙ୍କ ଦ୍ୱାରା ଦର୍ଶିତ ହୋଇଥିବା ଅନ୍ୟ କୌଣସି କାରଣମାନ ପାଇଁ ।

(୨) ପରିଣାମତଃ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ପରିଷଦର ଅବଶିଷ୍ଟ କାର୍ଯ୍ୟକାଳ ସକାଶେ ଏକ ନୂତନ ସଦସ୍ୟ ମନୋନୀତ ହୋଇପାରନ୍ତି ।

୯. **ଯୌତୁକ ନିବାରଣ ଅଧିକାରୀଙ୍କୁ ସର୍ବସାଧାରଣ କର୍ମଚାରୀ ରୂପେ ଘୋଷଣା:**

ଭାରତୀୟ ଦଣ୍ଡ ସଂହିତାର ଧାରା ୨୧ର ଅର୍ଥ ଅନୁସାରେ ପ୍ରତି ଯୌତୁକ ନିବାରଣ ଅଧିକାରୀଙ୍କୁ ଜଣେ ସର୍ବସାଧାରଣ କର୍ମଚାରୀ ରୂପେ ବିବେଚନା କରାଯିବ ।

୧୦. **ପ୍ରତ୍ୟାହାର ଏବଂ ବ୍ୟାବୃତ୍ତି:**

ଏହି ନିୟମାବଳୀ ଲାଗୁ ହେବାର ଅବ୍ୟବହିତ ପୂର୍ବରୁ ବଳବତ୍ତର ଥିବା ଯେ କୌଣସି ନିୟମାବଳୀ, ବା ତହିଁ ସହିତ ସଂଗତିଶୀଳ କୌଣସି ବିନିୟମାବଳୀ ବା ଆଦେଶସମୂହ ଏତଦ୍ୱାରା ପ୍ରତ୍ୟାହୃତ ହେଉଛି:

**ପରନ୍ତୁ,** ଏଭଳି ପ୍ରତ୍ୟାହୃତ ହେଉଥିବା ନିୟମାବଳୀ, ବିନିୟମାବଳୀ ବା ଆଦେଶସମୂହ ଅଧୀନରେ ଯଦି କୌଣସି ଆଦେଶ ଜାରି କରାଯାଇଥାଏ ବା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ, ତେବେ ତାହା ବର୍ତ୍ତମାନର ଏହି ନିୟମାବଳୀ ଅଧୀନରେ ଜାରି କରାଯାଇଛି ବା ଗ୍ରହଣ କରାଯାଇଛି ବୋଲି ବିବେଚନା କରାଯିବ ।

୧୧. **ବ୍ୟାଖ୍ୟା:**

ଏହି ନିୟମାବଳୀର ବ୍ୟାଖ୍ୟାକୁ କେନ୍ଦ୍ର କରି ଯଦି କୌଣସି ପ୍ରଶ୍ନ ଦେଖାଦିଏ, ତେବେ ନିଷ୍ପତ୍ତି ପାଇଁ ତାହାକୁ ସରକାରଙ୍କ ନିକଟକୁ ସଂପ୍ରେରଣ କରାଯିବ ।

**(Translation from English to Oriya by Chitta Behera, M.A. LL.B., 4A Jubilee Tower, Choudhury Bazar, Cuttack-9, Orissa, Email: chittabehera1@yahoo.co.in , Mobile: 9437577546, dt. 5 Aug 2007)**